

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୧ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 11 October 2024
Vol.No. 35 ■ No.273 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜେଡି ଛାଡ଼ିଲେ ପୂର୍ବତନ ବିଧାୟକ ପ୍ରକାଶ ବେହେରା

ଭୁବନେଶ୍ୱର, ୧୦/୧୦ (ନି.ପ୍ର): ବିଜେଡି ଛାଡ଼ିଲେ ପୂର୍ବତନ ବିଧାୟକ ପ୍ରକାଶ ବେହେରା। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ନିଜ ଇସ୍ତଫା ପତ୍ର ପଠାଇଛନ୍ତି ପ୍ରକାଶ। ଗତ ନିର୍ବାଚନରେ କଟକ ବାରବାଟୀରୁ ସେ ପ୍ରାର୍ଥୀ ହୋଇଥିଲେ। ନିଜ ଇସ୍ତଫା ପତ୍ରରେ ପ୍ରକାଶ କହିଛନ୍ତି ଯେ, ମୁଁ ରାଷ୍ଟ୍ରୀୟ ଚିନ୍ତାଧାରାରେ ବିଶ୍ୱାସ ରଖେ । ଜନସାଧାରଣଙ୍କ ସମସ୍ୟା, ବିକାଶ ଓ ସଂଗଠନ ସହ ଜଡିତ ରହିଛି, ଏଣୁ ମୁଁ ଏଭଳି ନିଷ୍ପତ୍ତି ନେବାକୁ ଉଚିତ ମଣିଲି। ▶▶ପୃଷ୍ଠା ୭

# ପାର୍ସୀ ରୀତିନୀତିରେ ରତନଙ୍କ ଶେଷକୃତ୍ୟ ସମ୍ପନ୍ନ

ନୂଆଦିଲ୍ଲୀ, ୧୦/୧୦ : ପଞ୍ଚଭୂତରେ ବିଲୀନ ହୋଇଛି ରତନ ଟାଟାଙ୍କ ପାର୍ଥିବ ଶରୀର। ମୁମ୍ବାଇରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପାର୍ସୀ ରୀତିନୀତିରେ ରତନ ଟାଟାଙ୍କ ଅନ୍ତିମ ସତ୍କାର ସମ୍ପାଦନ ହୋଇଛି। ପାର୍ସୀ ସମ୍ପ୍ରଦାୟର ହୋଇଥିବାରୁ ତାଙ୍କ ମରଶରୀରକୁ ପୋତା ଯାଇନି କି ପୋଡ଼ା ଯାଇନି। ରୀତି-ନୀତି ଅନୁସାରେ ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ମରଶରୀରକୁ ଗାଧୋଇ ଦିଆଯିବା ପରେ ନୂଆ ବସ୍ତ୍ର ପିନ୍ଧାଇ ଦିଆଯାଇଥିଲା। ପାର୍ସି




ପରମ୍ପରା କ୍ରମେ ଶରୀରକୁ ଶବଗୃହରେ ରଖଯାଏ। ସେଠାରେ ଚିଲ-ଶାଗୁଣା ଶବକୁ ଖାଇଥାନ୍ତି। କିନ୍ତୁ ବର୍ତ୍ତମାନ ଚିଲ-ଶାଗୁଣାଙ୍କ ସଂଖ୍ୟା ହ୍ରାସ ପାଇଥିବାରୁ ପାର୍ସୀ ପରମ୍ପରାରେ ଇଲେକ୍ଟ୍ରିକ୍ ଚୁଲାରେ ମୃତ ଶରୀର ପୋଡିବାର ପରମ୍ପରାକୁ ଆପଣାଯାଇଛି। ଏହି ପରମ୍ପରାକୁ 'ଦଖମା' କୁହାଯାଏ।ଏହି ନିୟମ ଅନୁସାରେ ରତନ ଟାଟାଙ୍କ ମରଶରୀରକୁ ଇଲେକ୍ଟ୍ରିକ୍ ଚୁଲାରେ ପୋଡ଼ା ଯାଇଛି। ଗତକାଲି ରାତିରେ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଶେଷ ନିଶ୍ୱାସ ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଏସସିବି ମେଡିକାଲ ଡାଟାଏଣ୍ଟ୍ରି ଅପରେଟର

କଟକ, ୧୦/୧୦ (ନି.ପ୍ର):ଭିଜିଲାନ୍ସ ଜାଲରେ ଏସସିବି ମେଡିକାଲର ଡାଟାଏଣ୍ଟ୍ରି ଅପରେଟର୍। ଅସ୍ଥାୟୀ ଠିକା ଡାଟାଏଣ୍ଟ୍ରି ଅପରେଟର ସ୍ମୃତି ରଞ୍ଜନ ସାହୁଙ୍କୁ ଧରିଛି ଭିଜିଲାନ୍ସ । ଗରିବ ବାପାର ଚିକିତ୍ସା ପାଇଁ ପୁଅ ଠାରୁ ୨ ହଜାର ଲାଞ୍ଚ ନେଇ ଧରାପଡ଼ିଛନ୍ତି ସ୍ମୃତିରଂଜନ। ହେପାଟାଇଟିସ୍ ପୀଡ଼ିତ ବାପା ପାଇଁ ଔଷଧ ଦେବାକୁ ପୁଅଠାରୁ ଲାଞ୍ଚ ନେଉଥିଲେ ସ୍ମୃତିରଂଜନ ।

## ପୂଜାସଂଖ୍ୟା ସାଗରିକାର ଉନ୍ମୋଚନ ଉତ୍ସବ




ପୂଜାସଂଖ୍ୟା ସାଗରିକା-୨୦୨୪ର ଶୁଭ ଉନ୍ମୋଚନ ଉତ୍ସବ ଆସନ୍ତା ୧୩ ତାରିଖ ରବିବାର ଦିନ ବାଲେଶ୍ୱର ସହରସ୍ଥ ଟାଉନହଲ୍ ନିକଟ ନୃତ୍ୟ ସଂଗୀତ କଳା ମନ୍ଦିର ପରିସରରେ ସନ୍ଧ୍ୟା ୦୫ ଘଟିକା ସମୟରେ ଉନ୍ମୋଚିତ ହେବ। ଏଥିରେ ବହୁ ବିଶିଷ୍ଟ କବି, ଲେଖକ ଓ ସାହିତ୍ୟିକ ଅତିଥିଭାବେ ଯୋଗଦେବା ପାଇଁ ସମ୍ମତି ଜଣାଇଛନ୍ତି। ଉକ୍ତ ଉନ୍ମୋଚନ ଉତ୍ସବରେ ଯୋଗଦେବା ନିମନ୍ତେ ସମସ୍ତଙ୍କୁ ସାଦର ନିମନ୍ତ୍ରଣ।

ସୃଷ୍ଟିଧର ପରିଡ଼ା
ପରିଚାଳନା ସମ୍ପାଦକ, ସାଗରିକା

## ଦକ୍ଷିଣ କୋରିଆର ଲେଖିକା ହାନ କାଙ୍ଗଙ୍କୁ ମିଳିବ ସାହିତ୍ୟରେ ନୋବେଲ ପୁରସ୍କାର

ନୂଆଦିଲ୍ଲୀ, ୧୦/୧୦ : ସାହିତ୍ୟ କ୍ଷେତ୍ରରେ ୨୦୨୪ ପାଇଁ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ରୟାଲ ସ୍ୱିଡ଼େନ ଏକାଡେମୀ ଅଫ ସାଇନ୍ସ ଅନୁଯାୟୀ ଚଳିତ ବର୍ଷ ଦକ୍ଷିଣ କୋରିଆର ଲେଖକ ହାନ କାଙ୍ଗଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ହାନ କାଙ୍ଗଙ୍କ ବାବଦରେ କହିବାକୁ ଗଲେ ୧୯୭୦



ମସିହାରେ ଦକ୍ଷିଣ କୋରିଆର ଗୁଆଙ୍ଗଜୁ ସହରରେ ଜନ୍ମଗ୍ରହଣ କରିଥିଲେ, ନଅ ବର୍ଷ ବୟସରେ ସେ ତାଙ୍କ ପରିବାର ସହିତ ସିଓଲ ଚାଲିଯାଇଥିଲେ । ତାଙ୍କ ପିତା ଜଣେ ପ୍ରତିଷ୍ଠିତ ଔପନାସିକ ଥିବାବେଳେ ସେ ଲେଖା ବ୍ୟତୀତ, ନିଜକୁ କଳା ଏବଂ ସଙ୍ଗୀତ ପ୍ରତି ମଧ୍ୟ ଉତ୍ସର୍ଗ କରିଛନ୍ତି। ▶▶ପୃଷ୍ଠା ୭

## ମା' ଜଗତଜନନୀଙ୍କ ପୂଜା ପାଇଁ ଉତ୍ସବ ମୁଖର ଗାଁଠୁ ସହର

### ପୀଠରେ ମହାମାୟାଙ୍କ ମହାଷ୍ଟମୀ, ମଧ ରାତ୍ରୀରେ ମା'ଙ୍କ ବିଶେଷ ପୂଜା

ବାଲେଶ୍ୱର, ୯/୧୦ (ନି.ପ୍ର): ପାର୍ବଣ ପାଇଁ ଉତ୍ସବ ମୁଖର ସାରା ରାଜ୍ୟ। ମା'ଙ୍କ ଆଗମନରେ ଭକ୍ତିମୟ ପରିବେଶ। ଆଜି ଶକ୍ତିପୀଠ ଗୁଡିକରେ ମହାମାୟାଙ୍କ ମହାଷ୍ଟମୀ ପୂଜା ଚାଲିଥିବା ବେଳେ ପୂଜା ମଣ୍ଡପରେ କିନ୍ତୁ ସପ୍ତମୀ ପୂଜାବିଧି ଚାଲିଛି। ଆଉ ସପ୍ତମୀ ତିଥିରେ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ତ୍ରିଦିନାତ୍ମକ ଗୋସାଣୀ ପୂଜାର ପରମ୍ପରା। ଧରାପୃଷ୍ଠରେ ଅବତରଣ କରିଛନ୍ତି ଜଗଦଜନନୀ। ଆଉ ମା'ଙ୍କ ଆଗମନ ପରେ ଆଧ୍ୟାତ୍ମିକ ପରିବେଶ। ପୀଠ ହେଉ କି ମଣ୍ଡପ ସବୁଠି ଭିଡ଼। ମହାମାୟାଙ୍କ ମହାଷ୍ଟମୀ ପୂଜା ପାଇଁ ଚଳଚଞ୍ଚଳ ରାଜ୍ୟର ସବୁ ଶକ୍ତିପୀଠ। ସେପଟେ ପୂଜା ମଣ୍ଡପରେ ଚାଲିଛି ଦେବୀ ଦଶଭୁଜାଙ୍କ ସପ୍ତମୀ ରୀତିନୀତି। ▶▶ପୃଷ୍ଠା ୭




DADLS-41

सत्यमेव जयते



'ପବିତ୍ର ବିଜୟା ଦଶମୀ -୨୦୨୪' ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ। ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତିର ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି।

(ରଘୁବର ଦାସ)

OIPR: 15001/13/0239/2425

DADLS-41

ଓଡ଼ିଶା ସରକାର



ଦୁର୍ଗାପୂଜା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା



ପବିତ୍ର ଦୁର୍ଗାପୂଜା ଓ ଦଶହରା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ମାତୃଶକ୍ତିର ଉପାସନା ଆମ ସଂସ୍କୃତିର ଏକ ଅନନ୍ୟ ପରମ୍ପରା। ମା' ଦୁର୍ଗାଙ୍କ ଆରାଧନା ଏପରି ଏକ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ ଉତ୍ସବ, ଯେଉଁଠାରେ ଆଧ୍ୟାତ୍ମିକ ଭାବ ସହ ଆନନ୍ଦମୟ ଭାବର ସମ୍ମିଳିତ ପରିପ୍ରକାଶ ହୋଇଥାଏ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0239/2425

# ପୁରୀ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ପୁରୀ, ୧୦/୧୦ (ନି.ପ୍ର): ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଅ ଝିଅ ମଧ୍ୟରେ କୌଣସି ଫରକ ନ ଦେଖି ସେମାନଙ୍କୁ ଶିକ୍ଷା ସଂସ୍କାର ଓ ଦକ୍ଷତା ପ୍ରଦର୍ଶନରେ ସହଯୋଗ କରିବା ପ୍ରତ୍ୟେକ ପିତା ମାତା ଅଭିଭାବକ ଓ ଶିକ୍ଷକ ମାନଙ୍କ କର୍ତ୍ତବ୍ୟ ହେବା ଉଚିତ। ଝିଅ ମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ତେବେ ସମାଜର ସମସ୍ତ ବର୍ଗର ବ୍ୟକ୍ତି,ପିତା ମାତା ସଚେତନ ହେଲେ ସମାଜରେ ଝିଅ ବା ମହିଳା ମାନଙ୍କୁ ଉଚିତ ସମ୍ମାନ ମିଳିପାରିବ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡ଼ଃ. ଅଜିତ କୁମାର ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ବର୍ତ୍ତମାନର ସମାଜରେ ଶିଶୁ କନ୍ୟାଙ୍କ ସ୍ଥିତି, ସୁରକ୍ଷା ନିମନ୍ତେ ବିଭିନ୍ନ କୌଶଳ ଓ ବାଳିକାମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧକ୍ଷତା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଷୟ ବିଶାରଦ ତଥା ଶିଶୁ ସୁରକ୍ଷା ବିଶେଷଜ୍ଞ ଘାସିରାମ ପଣ୍ଡା ବାଳିକା ମାନଙ୍କ ବିକାଶ ଓ ସୁରକ୍ଷା, ଆଇନରେ ସେମାନଙ୍କ ପାଇଁ ରହିଥିବା ବ୍ୟବସ୍ଥା, ସମାଜରେ ସେମାନଙ୍କ ସ୍ଥିତି ସମ୍ପର୍କରେ ବିଷଦ ବ୍ୟାଖ୍ୟା କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରୀ ଅର୍ଚ୍ଚନା ପ୍ରଧାନ, ଶ୍ରୀଦେବୀ ସାହୁ, ମମତା ପୂଜାରୀ, ଯାଜ୍ଞସେନୀ ମହାପାତ୍ର, ଓ ଗତ ମାଟ୍ରିକ ପରୀକ୍ଷାରେ ଜିଲ୍ଲା ଟପର ସ୍ୱେତପଦ୍ମା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସିଡିପିଓ, ସୁପରଭାଇଜର, ବିଭିନ୍ନ ବିଭାଗର କର୍ମଚାରୀ, ଶିଶୁ ସୁରକ୍ଷା ୟୁନିଟ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର ର ଅଦ୍ୱିକା ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସଚେତନତା ସୃଷ୍ଟି ଉପଲକ୍ଷେ ଏକ ଶୋଭାଯାତ୍ରା ସୁଭାଷ ବୋଷ ଛକ ଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଆସିଥିଲା।

# ଉତ୍ତରାଂଚଳ ରାଜସ୍ୱ ଆୟୁକ୍ତଙ୍କ ଜିଲ୍ଲା ଉନ୍ନୟନ ପ୍ରକଳ୍ପ ସମୀକ୍ଷା

ସମ୍ବଲପୁର, ୧୦/୧୦ (ନି.ପ୍ର): ଉତରାଂଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ଆସିଥିଲେ ଏବଂ ବିଭିନ୍ନ ବିଭାଗ ଅଫିସ କାର୍ଯ୍ୟ ତଦାରଖ କରିବା ସହିତ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଯୋଜନା ଆଦି ର ସମୀକ୍ଷା କରିଥିଲେ । ଉତରାଂଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ଯାଦବ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିଭିନ୍ନ ବିଭାଗର କାର୍ଯ୍ୟ ନିରୀକ୍ଷଣ କରିବା ସହିତ ବିଭାଗ ର ରେଜିଷ୍ଟର, ନଥିପତ୍ର ଆଦି ଦେଖିଥିଲେ। ନୂତନ ଭାବରେ ନିର୍ମାଣ ହୋଉଥିବା ଜିଲ୍ଲାପାଳ କାର୍ଯ୍ୟାଳୟ ମଧ ପରିଦର୍ଶନ କରିଥିଲେ। ସେହିପରି ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ବିଭିନ୍ନ ବିଭାଗ ଦ୍ୱାରା ଜିଲ୍ଲା ରେ ଚାଲୁଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, କାର୍ଯ୍ୟକ୍ରମ ଆଦି ର ସମୀକ୍ଷା କରିଥିଲେ। ଏହି ଅବସରରେ ଉତରାଂଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ଯାଦବ ଜିଲ୍ଲାର ସ୍ୱାସ୍ଥ୍ୟ ସେବା, ପୋଷଣ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମସ୍ତ ବିଭାଗ ଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲ୍ଲାରେ ଥିବା ହସ୍ପିଟାଲ ଏବଂ ଏହାର ବେଡ୍ କ୍ଷମତା, ଆଇ. ସି. ୟୁ. ସୁବିଧା, ଡାକ୍ତରଙ୍କ ସଂଖ୍ୟା ଆଦି ସମ୍ପର୍କରେ ଉତରାଂଚଳ ରାଜସ୍ୱ ଆୟୁକ୍ତଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅବଗତ କରାଯାଇଥିଲା। ଆରଏଣ୍ଡବି, ଓ୍ୱାଟକୋ, ଟିପିଡବ୍ଲୁଓଡିଏଲ୍ ଆଦି ବିଭିନ୍ନ ପ୍ରକଳ୍ପ ଉପରେ ଉପସ୍ଥାପନ କରିଥିଲେ, ଏବଂ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ନିମନ୍ତେ ଆସୁଥିବା ଅର୍ଥ ସମ୍ପର୍କରେ ବୁଝିଥିଲେ। ବୈଠକରେ ଜିଲ୍ଲାପାଳ ସମ୍ବଲପୁରସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଇ.ଏ.ଏସ , ସମ୍ବଲପୁର ମହାନଗର ନିଗମ କମିସନର ବେଦ ଭୂଷଣ ଆଇ .ଏ .ଏସ., ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅଜାୟର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଚାରୁ କୁମାର ବଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଏବଂ ସମ୍ବଲପୁରର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର କାର୍ଯ୍ୟ ଗୁଡ଼ିକ ଉପରେ ଉପସ୍ଥାପନ କରିଥିଲେ ।

# ର୍ୟାଗିଂ ନିରୋଧ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର, ୧୦/୧୦ (ନି.ପ୍ର): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଏକ ରାଗିଂ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ଼ଃ ଅରବିନ୍ଦ କୁମାର ଓଝା ଅଧ୍ୟକ୍ଷତା କରିଥିବାବେଳେ ଡ଼ଃ ସଦାଶିବ ମଲ୍ଲିକ, ବିଭୂତିଭୂଷଣ ସାହୁ, ସୁଶ୍ରୀ ସଙ୍ଗୀତା ଦାସ, ଡ଼ଃ ଅନୁରାଧା ମିଶ୍ର ପ୍ରମୁଖ ମଂଚାସୀନ ଥିଲେ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଏବଂ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ଶିକ୍ଷାନୁଷ୍ଠାନକୁ ରାଗିଂମୁକ୍ତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଓ ଶିକ୍ଷାନୁଷ୍ଠାନମାନଙ୍କୁ କୌଣସି ପ୍ରକାର ମାନସିକ/ ଶାରୀରିକ ନିର୍ଯାତନା, ଶୋଷଣ ଇତ୍ୟାଦି ଗତିବିଧିଗୁଡିକର ମୁଳୋତ୍ପାଟନ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ ଏ କ୍ରମରେ ସରକାରୀ ମହିଳା ମହାବିଦ୍ୟାଳୟରେ ମଧ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଶିକ୍ଷାଗ୍ରହଣ କ୍ଷେତ୍ରଟିକୁ ଅବାଧ ତଥା ମୁକ୍ତ ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ଓ ଯେତେବେଳେ ବି କୌଣସି ଛାତ୍ରୀ ଉପରୋକ୍ତ ସମସ୍ୟାରେ ପୀଡିତ ହେଉଛି ସେ ନିର୍ଦ୍ଧାରିତ ଦେୟମୁକ୍ତ ୧୮୦୦-୧୮୦-୫୫୨୨ ନମ୍ବରର ସାହାଯ୍ୟ ନେଇ ପାରିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା ଓ ରାଗିଂ ନିରୋଧି ଅଙ୍ଗୀକାର ପଞ୍ଜୀକରଣ ନିମନ୍ତେ ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା ଏବଂ ଆଂଟି ରାଗିଂ ଆପ ଡାଉନଲୋଡ୍ କରି ତାହାର ସଦୁପଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସୁଶ୍ରୀ ସଙ୍ଗୀତା ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଶାସନିକ ନିଷ୍କ୍ରିୟତା ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱ ସରକାରୀ ଜାଗା ଜବରଦଖଲ ବୃଦ୍ଧି

କେନ୍ଦୁଝର /ଘଟଗାଁ, ୧୦/୧୦ (ନି.ପ୍ର): ପ୍ରଶାସନିକ ଓ ପୌର ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ କେନ୍ଦୁଝର ସହରରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜାଗା ଓ କଭରଯୁକ୍ତ ଡ୍ରେନ ଗୁଡିକ ଜବରଦଖଲ ଯୋଗୁଁ ସହରରେ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କଭରଯୁକ୍ତ ଡ୍ରେନ ଓ ଡ୍ରେନକୁ ଲାଗି ରହିଥିବା ସରକାରୀ ଜାଗା ସମେତ ବିଭିନ୍ନ ସ୍ଥାନରେ ଥିବା ସରକାରୀ ଓ ଦେବୋତର ଜାଗା ଗୁଡିକ ଉକ୍ତ ଜାଗା ନିକଟବର୍ତ୍ତୀ ପଟ୍ଟାଭୂକ୍ତ ଜାଗାଧାରୀ ମାନେ ନିଜ ନିଜ ଜାଗା ନିକଟବର୍ତ୍ତୀ ସରକାରୀ ଜାଗା ଗୁଡିକୁ ନିଜ ଜାଗା ସହ ମିଶାଇ ବିନା ଅନୁମତିରେ ଦୋକାନ ଗୃହ, ବାସଗୃହ ମାନ ନିର୍ମାଣ କରି ସରକାରୀ ଜାଗା ଗୁଡିକୁ ଲୁଟ୍ କରୁଥିଲେ ହେଁ ପ୍ରଶାସନ କିମ୍ବା ପୌର ପ୍ରଶାସନ ପକ୍ଷରୁ କୌଣସି ପ୍ରତିରୋଧ କରାଯାଉ ନାହିଁ । ଯାହା ଫଳରେ ସହରରେ ଯିଏ ଯେଉଁଠି ପାରିଲା ସରକାରୀ ଜାଗା ଉପରେ ଘରମାନ ନିର୍ମାଣ କରି ସହରର ଖୋଲା ପରିବେଶକୁ ସଂକୁଚିତ କରୁଛନ୍ତି । ଏପରିକି କଭରଯୁକ୍ତ ଡ୍ରେନ ଗୁଡିକ ଉପରେ ଗୃହ ନିର୍ମାଣ ଭାରି ସାମଗ୍ରୀ ଗୁଡିକୁ ଜମାକରିବା, ଡ୍ରେନକୁ ଲାଗି ପାର୍କିଙ୍ଗର ସୁବିଧା ନଥାଇ ବିଭିନ୍ନ ବ୍ୟବସାୟିକ ସଂସ୍ଥା ମାନ ଖୋଲିବା ଯୋଗୁଁ ରାସ୍ତାରେ ଯାନ ପାର୍କିଙ୍ଗ ଟ୍ରାଫିକ ସମସ୍ୟାକୁ ଆହୁରି ତୀବ୍ରତର କରୁଛି । ସରକାରୀ ଜାଗା ଜବର ଦଖଲ କରି ଦୋକାନ ଓ ବାସଗୃହ ମାନ ନିର୍ମାଣ କରି ଭଡା ସୂତ୍ରରେ ଅନ୍ୟମାନଙ୍କୁ ଦେଇ ମାସିକ ହଜାର ହଜାର ଓ ସିକ୍ୟୁରିଟି ବାବଦରେ ରୁମ ପିଛା ୪ ରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି । ଯାହାକୁ ନେଇ ଜବରଦଖଲକାରୀ ମାନେ ବେଶ୍ ଲାଭବାନ ହେଉଥିବା ବେଳେ ସରକାର ନିଜ ଜାଗାକୁ ସୁରକ୍ଷା ଦେଇ ପାରୁନାହାଁନ୍ତି ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବାଳିକା ଦିବସ ଓ ସପ୍ତାହ ପାଳନ

ଭବାନୀପାଟଣା, ୧୦/୧୦ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ମିଳିତ ସହଯୋଗରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ବାଳିକା ଦିବସ ଓ ସପ୍ତାହ ପାଳନ ଅବସରରେ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧକ୍ଷତାରେ ଜିଲ୍ଲାପରିଷଦ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ସୁଚେତା ପାଣି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ସମାଜ କଲ୍ୟାଣ ଅଧିକାରୀ ମୁଜିବିନ ନିଶା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ରୁପେଷ କୁମାର ହୋତା ତଥା ସମସ୍ତ ସଭ୍ୟ ଅଶୋକ ରଞ୍ଜନ ଚୌଧୁରୀ, ସଞ୍ଜୟ କୁମାର, ବସନ୍ତ ପଟ୍ଟନାୟକ, ଭରତ ଭୂଷଣ ପଣ୍ଡା, ସହକାରୀ ଜିଲ୍ଲାପାଳ ମମତା ଦାସ ଓ ସୌଦାମିନୀ ମାଝୀ, ଉପ ଆରକ୍ଷୀ ଅଧିକ୍ଷକ ମୁକ୍ତି କୁମାର କୁଲୁ, କଳାହାଣ୍ଡି ଜିଲ୍ଲାର ସ୍ଥାନୀୟ ତହସିଲଦାର ଶୁଭସ୍ମିତା ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, କିଶୋର ନ୍ୟାୟ ବୋର୍ଡ ର ଦୁଇ ସଦସ୍ୟ ଶ୍ରୀମତୀ ଭବାନୀ ପଟ୍ଟନାୟକ, ସ୍ୱର୍ଣଲତା ମହାନ୍ତି ଓ ଜିଲ୍ଲା ସ୍ତରରୁ ଆସିଥିବା ବିଭିନ୍ନ ଅଧିକାରୀଗଣ ପ୍ରମୁଖ ଅଂଶଗ୍ରହଣ କରି ଝିଅ ଶିଶୁ ମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଭବିଷ୍ୟତ ଜୀବନ ଉପରେ ଆଲୋକପାତ କରିଥିଲେ । ଝିଅ ଶିଶୁ ମାନେ କିପରି ନିର୍ଭୟ ସହକାରେ ସେମାନଙ୍କର ଭବିଷ୍ୟତ କାର୍ଯ୍ୟକୁ ସମ୍ପାଦନ କରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଝିଅ ଶିଶୁ ମାନଙ୍କ ପାଇଁ ଥିବା ସରକାରୀ ପ୍ରୋତ୍ସାହନ ବିଷୟରେ ଅବଗତ କରାଇଥିଲେ । ଏଥିରେ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଝିଅ ଶିଶୁ ମାନଙ୍କୁ ଉପକୌତନ ସହ ମାନପତ୍ର ପ୍ରଦାନ କରାଯାଇ ଝିଅ ମାନେ କିପରି ଆଗକୁ ସମସ୍ତ କ୍ଷେତ୍ରରେ କୃତିତ୍ୱର ସହ ପ୍ରତିଯୋଗିତା କରିପାରିବେ ସେହି ଦିଗରେ ଝିଅ ଶିଶୁ ମାନଙ୍କୁ ଅବଗତ କରି ଉତ୍ସାହିତ କରିଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅଣ ଆନୁଷ୍ଠାନିକ ଯତ୍ନ ଓ ସୁରକ୍ଷା ଅଧିକାରୀ ରାଜଲକ୍ଷ୍ମୀ ଦାସ ଜିଲ୍ଲାରୁ ଆସିଥିବା ସମସ୍ତ ଅଫିସର ବିଭିନ୍ନ ଅଂଶଗ୍ରହଣକାରୀ ତଥା ସେମାନଙ୍କର ଅଭିଭାବକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ଅନ୍ୟତମ ଅଧିକାରୀ ଅଂଶୁମାନ ବାବୁ ମଂଚ ପରିଚାଳନା କରିଥିଲେ ।

# ନିର୍ବାଚନ ଆୟୋଗ କଲେ ସଫଳ ନିର୍ବାଚନ ପାଇଁ ସୁରକ୍ଷା ବଳ, ରେଲୱେ ଏବଂ ବାୟୁସେନା ଅଧିକାରୀମାନଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୧୦/୧୦ (ନି.ପ୍ର): ନିର୍ବାଚନ ଆୟୋଗ ବୁଧବାର ଦିନ ଲୋକସଭା ତଥା ଜାମ୍ମୁ-କାଶ୍ମୀର ଏବଂ ହରିୟାଣା ବିଧାନସଭା ନିର୍ବାଚନର ନିର୍ବାଧ ଏବଂ ଶାନ୍ତିପୂର୍ଣ୍ଣ ପରିଚାଳନାରେ ମହତ୍ୱପୂର୍ଣ୍ଣ ଏବଂ ପ୍ରଶଂସନୀୟ ଯୋଗଦାନ ପାଇଁ ଗୃହ ମନ୍ତ୍ରାଳୟ, ଅର୍ଦ୍ଧସୈନିକ ବଳ, ଭାରତୀୟ ବାୟୁସେନା ଏବଂ ରେଲୱେ ଅଧିକାରୀମାନଙ୍କ ଏକ କାର୍ଯ୍ୟକ୍ରମରେ କୃତଜ୍ଞତା ବ୍ୟକ୍ତ କରିଛନ୍ତି। ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ଏହି ସମୟରେ ନିର୍ବାଚନ ଅଧିକାରୀମାନଙ୍କ ସହିତ ସୁରକ୍ଷା ବଳର ସମନ୍ୱିତ ପ୍ରୟାସରେ କରାଯାଇଥିବା ଅନୁକରଣୀୟ ଭୂମିକାର ପ୍ରଶଂସା କରିଛନ୍ତି, ଯାହାର ପରିଣାମ ସ୍ୱରୂପ ଗତ ଲୋକସଭା ନିର୍ବାଚନରେ ନ୍ୟୁନତମ ପୁନର୍ମତଦାନ ଏବଂ ହିଂସା ଘଟଣା ପ୍ରାୟ ହୋଇନାହିଁ। କାର୍ଯ୍ୟକ୍ରମରେ ଗୃହ ମନ୍ତ୍ରାଳୟର ସଚିବ, ସିପି(ଦିଲ୍ଲୀ ପୋଲିସ୍), ସିଆର୍‌ପିଏଫ୍, ସିଆଇଏସ୍‌ଏଫ୍, ଏସ୍‌ଏସ୍‌ବି, ବିଏସ୍‌ଏଫ୍, ଆଇଟିବିପି, ଆର୍‌ପିଏଫ୍‌ର ମହାନିର୍ଦ୍ଦେଶକ ଏବଂ ମହାନିରୀକ୍ଷକ, ଗୃହ ମନ୍ତ୍ରାଳୟ ଏବଂ ମହାନିରୀକ୍ଷକ, ଗୃହ ମନ୍ତ୍ରାଳୟ, ସିଏପିଏଫ୍, ବାୟୁସେନା, ରକ୍ଷା ମନ୍ତ୍ରାଳୟ ଏବଂ ରେଲୱେର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କୁମାର କହିଛନ୍ତି ଯେ ଲୋକସଭା ୨୦୨୪ ନିର୍ବାଚନରେ ସୁରକ୍ଷା ବଳର ବିପୁଳ ପରିମାଣରେ ଛାଉଣୀ କରାଯାଇଥିଲା। ନିର୍ବାଚନ ଆୟୋଗ ହିଂସା ଏବଂ ଉଗ୍ରବାଦରେ ପ୍ରଭାବିତ ଅଂଚଳରେ ମତଦାନ ପାଇଁ ଶାନ୍ତିପୂର୍ଣ୍ଣ ଏବଂ ଭୟମୁକ୍ତ ବାତାବରଣ ରଖିବା ଏବଂ ନିର୍ବାଚନ ଅଧିକାରୀମାନଙ୍କ ସହିତ ମିଶି କାମ କରିବାରେ ସୁରକ୍ଷା ବଳର ପ୍ରତିବଦ୍ଧତାକୁ ସଲାମ କରୁଛି। ସେ କହିଛନ୍ତି ଯେ ଲୋକସଭା ନିର୍ବାଚନର ସବୁଠାରୁ ଉଲ୍ଲେଖନୀୟ ପ୍ରବନ୍ଧନ ରହିଥିଲା। ସମ୍ବେଦନଶୀଳ ଏବଂ ଦୁର୍ଗମ ଅଂଚଳରେ ମତଦାତାମାନଙ୍କ ପର୍ଯ୍ୟନ୍ତ ପହଂଚିବା କଠିନ ଥିଲା। ତେବେ ନିର୍ବାଚନ ସାମଗ୍ରୀ, ମତଦାନ କର୍ମୀ ଏବଂ ସୁରକ୍ଷା ଅଧିକାରୀମାନଙ୍କ ପରିବହନରେ ଭାରତୀୟ ବାୟୁସେନାର ବିମାନ ଉଡ଼ାଇବାରେ ମହତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ।

## ସମାଜସେବୀ ଦମନ ମହାନ୍ତିଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ

କେନ୍ଦ୍ରାପଡ଼ା, ୧୦/୧୦ (ନି.ପ୍ର): କେନ୍ଦ୍ରାପଡ଼ାର ଜଣାଶୁଣା ସମାଜସେବୀ ତଥା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତିଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ୭୦ ତମ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ଉପଲକ୍ଷେ ଭିତରକନିକାର ଜାତୀୟ ଉଦ୍ୟାନ ପରିସରରେ ଜିଲ୍ଲା ସ୍ତରୀୟ ଉତ୍ସବ ପାଳନ କରାଯାଇଛି। ରାଜନଗର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସମ୍ବଲପୁରରେ ବିଶ୍ୱ ଡାକ ଦିବସ ପାଳିତ

ସମ୍ବଲପୁର, ୧୦/୧୦ (ନି.ପ୍ର): 'ବିଶ୍ୱ ଡାକ ଦିବସ' ପୁରା ଦୁନିଆରେ ଡାକ ନେଟୱର୍କ ର ଅଭିନନ୍ଦନ କରିବା ପାଇଁ ଅବସର ମାର୍ଫତ ପାଳିତ ହୋଇଥାଏ। ଭାରତୀୟ ଡାକ ବିଭାଗ ପିଛଳା ଅନେକ ଦଶକ ଧରି ଦେଶର ଅନ୍ତିମ ପର୍ଯ୍ୟନ୍ତ ସ୍ଥାନ ପର୍ଯ୍ୟନ୍ତ ସେବା ପ୍ରଦାନ କରୁଥିବା ଏକ ବିଶ୍ୱସନୀୟ ବିଭାଗ ଭାବେ ପରିଚିତ। ଏହା ଗ୍ରାମ ଓ ସହର ମଧ୍ୟରେ ଯୋଗାଯୋଗ, ବାଣିଜ୍ୟ ଓ ରାଜସ୍ୱ ପରିଚାଳନାରେ ଅସାଧାରଣ ଭୂମିକା ରଖୁଥିବା ସହ ଆଜିକାଲି ବିତ ଓ ଅର୍ଥନୈତିକ ସେବାରେ ବି ମହତ୍ୱପୂର୍ଣ୍ଣ ଅଂଶ ଖେଳୁଛି। ଏହି ପଦଯାତ୍ରା ଭାରତୀୟ ଡାକ ବିଭାଗର ସୁସ୍ଥ ଶରୀର ଓ ସୁସ୍ଥ ମନସିକତାକୁ ଉତ୍ସାହିତ କରିବା ପାଇଁ ଏକ ପ୍ରଚେଷ୍ଟା ଥିଲା, ଯାହା ଡାକ ବିଭାଗର ତୁଳନୀୟ ସଫଳତା ବାର୍ତ୍ତାକୁ ଆଉ ଜୋର ଦେଇ ପ୍ରକାଶ କରେ ଓ ଆଜି, ବିଶ୍ୱ ଡାକ ଦିବସ ୨୦୨୪ ଅବସରରେ, ସମ୍ବଲପୁର ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ମହୋଦୟ ଙ୍କ ଆୟୋଜନରେ 'ଫିଟ ପୋଷ୍ଟ, ଫିଟ ଇଣ୍ଡିଆ' ବାର୍ତ୍ତାକୁ ଜନସାଧାରଣ ମଧ୍ୟରେ ପ୍ରଚାର କରିବାକୁ ଏକ ପୋଷ୍ଟାଥନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ରାଲୀ ସମ୍ବଲପୁର ମୁଖ୍ୟ ଡାକଘରରୁ ଆରମ୍ଭ ହୋଇ ନେଲସନ ମାଣ୍ଡେଲା ଚକ୍କ ମାର୍ଗ ଦ୍ୱାରା ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାର ନେତୃତ୍ୱ ତରଣୀସେନ ଭୁସାଗର, ପୋଷ୍ଟମାଷ୍ଟର, ସମ୍ବଲପୁର ମୁଖ୍ୟ ଡାକଘର କରୁଥିଲେ। ସମ୍ବଲପୁର ମୁଖ୍ୟ ଡାକଘରର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଓ 'ଫିଟ ପୋଷ୍ଟ, ଫିଟ ଇଣ୍ଡିଆ' ଥିମକୁ ପ୍ରଚାର କରିଥିଲେ। ଏହି ପଦଯାତ୍ରା ପରମ୍ପରାରେ, ବରଗଡ଼ରେ ମଧ ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ମହୋଦୟ ଙ୍କ ଆୟୋଜନରେ ଏକ ପୋଷ୍ଟାଥନ ପଦଯାତ୍ରା ବରଗଡ଼ ନଗରରେ ମଧ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ 'ଫିଟ ପୋଷ୍ଟ, ଫିଟ ଇଣ୍ଡିଆ' ଥିମକୁ ସର୍ବସାଧାରଣ ମଧ୍ୟରେ ପ୍ରଚାର କରାଯାଇଥିଲା। ଭାରତ ସରକାରଙ୍କ 'ଏକ ପେଡ ମାଁ କ ନାମ' ପ୍ରୟାସ ଅନୁସାରେ, ଭିନ୍ନ ଭିନ୍ନ ଡାକଘରରେ ଉଭିଦ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରକଳ୍ପ ମାଧ୍ୟମରେ ପରିବେଶ ସୁରକ୍ଷା ଓ ସୁସ୍ଥ ଜୀବନ ଆଚରଣକୁ ବଢ଼ିବା ପାଇଁ ଚେତନା ସୃଷ୍ଟି କରାଯାଇଥିଲା। ସମ୍ବଲପୁର ଓ ବରଗଡ଼ ମୁଖ୍ୟ ଡାକଘର ସହିତ ଏହାର ଅନେକ ଶାଖା ଡାକଘର ମଧ୍ୟରେ ଉଭିଦ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ, ୨୦୧୬ ଓ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ଶିବିର

କେନ୍ଦୁଝର/ଘଟଗାଁ, ୧୦/୧୦ (ନି.ପ୍ର): ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ, ଓଡ଼ିଶା ଏବଂ ଜିଲ୍ଲା ପ୍ରଶାସନ କେନ୍ଦୁଝରଙ୍କ ମିଳିତ ସହଯୋଗରେ ' ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ-୨୦୧୬ ' ଉପରେ ଏକ ସଚେତନତା ଶିବିର ଏବଂ କ୍ୟାମ୍ପ କୋର୍ଟ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଶ୍ରୀମତୀ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କ ଅଧିକାର ଓ ସରକାରୀ ଯୋଜନା ସମ୍ପର୍କରେ ତୃଣମୂଳସ୍ତରରେ କାମ କରୁଥିବା କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଓ ଗଣମାଧ୍ୟମର ପ୍ରତିନିଧି ସମସ୍ତେ ବ୍ୟାପକ ଜନଜାଗରଣ ସୃଷ୍ଟି କରିପାରିଲେ ଭିନ୍ନକ୍ଷମମାନେ ବିଭିନ୍ନ ଜନକଲ୍ୟାଣ ଯୋଜନାର ସୁଫଳ ପାଇବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ନିଜର ଜୀବନକୁ ପୂର୍ଣ୍ଣାଙ୍ଗ କରିପାରିବେ ବୋଲି ମତ ଦେଇଥିଲେ । ସମସ୍ତ ଭିନ୍ନକ୍ଷମ ବ୍ୟକ୍ତି ମାନେ ନିଜର ମନୋବଳ ସୁଦୃଢ କରି ସରକାରଙ୍କ ସମସ୍ତ ଯୋଜନାର ଫାଇଦା ନେବାକୁ ଆହ୍ୱାନ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ଭିନ୍ନକ୍ଷମଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଡ଼ା. ବସନ୍ତ କୁମାର ପାତ୍ର ପ୍ରମୁଖ ଭିନ୍ନକ୍ଷମଙ୍କ ଅଧିକାର ଅଧିନିୟମ ୨୦୧୬ର ବିଭିନ୍ନ ଦିଗକୁ ନିଜ ଅଭିଭାଷଣରେ ଆଲୋକପାତ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଉପଖଣ୍ଡ ଓ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ, କନିଷ୍ଠ ସହାୟକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବ୍ଲକ ରିସୋର୍ସ ଟିଚର ଉପସ୍ଥିତ ଥିଲେ । ଭିନ୍ନକ୍ଷମ ଅଧିକାର ଅଧିନିୟମ-୨୦୧୬ ସଂକ୍ରାନ୍ତରେ ମୁଖ୍ୟବକ୍ତା ଶ୍ରୀ ରାମ କିଶୋର ଶର୍ମା ବିସ୍ତୃତ ଆଲୋଚନା କରିଥିଲେ ।

## ଜିଲ୍ଲା ବିଜେଡିର ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନ ଉଦ୍‌ଘାଟନ

କେନ୍ଦ୍ରାପଡ଼ା, ୧୦/୧୦ (ନି.ପ୍ର): ଜିଲ୍ଲା ବିଜେଡି ପକ୍ଷରୁ ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନ କେନ୍ଦ୍ରାପଡା ପୌରସଂସ୍ଥା ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ସହ ବିଜେଡି ସୁପ୍ରିମୋ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନର ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ପ୍ରାକ୍ତନ ପୌରାଧକ୍ଷ ଧିରେନ୍ କୁମାର ସାହୁ ସଭାପତିତ୍ୱ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇ ଦଳର ସଭ୍ୟ ସଂଗ୍ରହ ଅଭିଯାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଦଳର ସଭ୍ୟ ସଂଗ୍ରହ ବ୍ୟାପକ କରିବାକୁ ପରାମର୍ଶ ଦେଇ ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ । ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରାଧକ୍ଷା ସରିତା ସାହୁ ପ୍ରମୁଖ ଉପସ୍ଥିତ ରହି ଆଜିର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ଦଳର ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନ ବିଜେପି ସରକାରର ବିଫଳତା ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ପ୍ରାଥମିକ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରି ପ୍ରଥମେ ବିଧାୟକ ଶ୍ରୀ ବେହେରା ଓ ପୌରାଧକ୍ଷା ଶ୍ରୀମତୀ ସାହୁ ନିଜ ନିଜର ସଭ୍ୟ ପଦର ଫର୍ମ ପୂରଣ କରିଥିଲେ ।

# ଅକ୍ଷାଂଶ ପୂଜା ସଂଖ୍ୟାର ଶୁଭ ଲୋକାର୍ପଣ

ବାଲେଶ୍ୱର, ୧୦/୧୦ (ନି.ପ୍ର): ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ସମ୍ପାଦିତ 'ଅକ୍ଷାଂଶ'ର ପୂଜାସଂଖ୍ୟା କବିତୀର୍ଥ ଶାନ୍ତି କାନନ ରେ ଫକୀର ମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଅନାବରଣ ହୋଇ ଯାଇଛି । ଏହି ସମାରୋହ ରେ ଉନ୍ମୋଚକ ଭାବରେ ଡ. ପ୍ରହଲ୍ଲାଦ ଚରଣ ମହାନ୍ତି, ମୁଖ୍ୟ ବକ୍ତା ଭାବେ କଳ୍କୀ ପତ୍ରିକାର ସମ୍ପାଦକ ଘନ ପରିଡା, ସୌଜନ୍ୟ ସମ୍ପାଦକ ଅଞ୍ଜଳି ପଣ୍ଡା, ସହ ସମ୍ପାଦକ ଡ. ସାରଙ୍ଗଧାର ତ୍ରିପାଠୀ ଯୋଗ ଦେଇ ପତ୍ରିକାଟିର ଭୂୟସୀ ପ୍ରଶଂସା କରିଥିଲେ । ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ପରିଷଦ ର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ । ମଞ୍ଚ




ଆବାହନ କରିଥିଲେ କଲ୍ୟାଣୀ ନନ୍ଦ ଓ ଧନ୍ୟବାଦ ଦେଇଥିଲେ ରାଜେଶ ଗିରି । ଏଇ ଅବସର ରେ ଅକ୍ଷାଂଶ ରେ ସ୍ଥାନିତ ନିଜ ନିଜ କବିତା ପାଠ କରିଥିଲେ କବି ବିମଳ ଜେନା, କବି କୃଷ୍ଣ କୁମାର ମହାନ୍ତି, କବି ଶ୍ରୀଦେବ, କବି ଅଶ୍ୱିନୀ ଦାଶ, କବି ରଞ୍ଜନ ବାଗ ପ୍ରମୁଖ । ଗଳ୍ପର କଥା ରଖିଥିଲେ ଗାଳ୍ପିକ ନିବାରଣ ଜେନା, ସ୍ମୃତି ଦାସ, ସଞ୍ଜୟ ପଣ୍ଡା ପ୍ରମୁଖ । ପ୍ରବନ୍ଧର କଥା ରଖିଥିଲେ ଡ. ରତ୍ନାକାର ସିଂହ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ମାଧ୍ୟମରେ ପଂଚାୟତ ସ୍ତରୀୟ ଆଇନ ସହାୟତା କେନ୍ଦ୍ର

ଜୟପୁର , ୧୦/୧୦ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆନୁକୂଲ୍ୟରେ ତାଲିମପ୍ରାପ୍ତ ପାରାଲିଗାଲ ସ୍ୱାଚ୍ଛାସେବୀ ମାନଙ୍କ ମାଧ୍ୟମରେ ବିଭିନ୍ନ ପଂଚାୟତ ର ଗ୍ରାମକୁ ଗସ୍ତକରି ପଂଚାୟତ ସ୍ତରୀୟ ଆଇନ ସହାୟତା କେନ୍ଦ୍ର ମାଧ୍ୟମରେ ଯୋଗ୍ୟହିତାଧିକାରୀ ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରି ସେମାନଙ୍କୁ ଠାରୁ ଦରଖାସ୍ତ ସଂଗ୍ରହ କରିଥିଲେ। ଏହା ଜାତୀୟ ଆଇନସେବା ପ୍ରାଧିକରଣ, ଦିଲ୍ଲୀ ଏବଂ ରାଜ୍ୟ ଆଇନସେବା ପ୍ରାଧିକରଣ, ଓଡିଶା ନିର୍ଦ୍ଦେଶ ଅନୁଶାରେ ଏହି ଅଭିଯାନ ଜିଲ୍ଲା ଆଇନସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଆରମ୍ଭ କରିଥିଲା ପ୍ରାୟ ଦଶଦିନ ଧରି କାର୍ଯ୍ୟରତ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପଂଚାୟତ ସ୍ତରୀୟ ଆଇନ ସହାୟତା ଶିବିର ମାଧ୍ୟମରେ କାର୍ଯ୍ୟକରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଜଜ୍ ଶ୍ରୀ ପ୍ରଦୀପ କୁମାର ମହନ୍ତ ତତ୍ୱାବଧାନ ରେ ଜିଲ୍ଲା ଆଇନ ସେବାପ୍ରାଧିକରଣ ସଚିବ ତଥା ବିଚାରପତି ଶ୍ରୀ ସୁମନ ଜେନା ଏହି ପଂଚାୟତ ସ୍ତରୀୟ ଆଇନ ସହାୟତା ଅଭିଯାନ ଆରମ୍ଭ କରିଥିଲେ। ଏହାର ଲକ୍ଷ ହେଲା ପ୍ରତ୍ୟେକ ବ୍ୟକ୍ତି ନିଜର ଅଧିକାରରୁ ବଂଚିତ ନ ହେବା, ପ୍ରତିଟି ଲୋକଙ୍କ ପାଖକୁ ଆଇନ ସହାୟତା ପଂଚାଇବା, ସହଜ ଉପାୟରେ ନ୍ୟାୟ ପାଇବା, ବୁଢାବୁଢି ଠୁ ଆରମ୍ଭ କରି ପିଲାଛୁଆଠୁ ସମସ୍ତେ ଆଇନ ବିଷୟରେ ଅବଗତ ହେବା ସହିତ ଅନ୍ୟକୁ ଅବଗତକରାଇବା ତାହା ସହିତ ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ, ଅବିବାହିତ, ଭତ୍ତା ଇତ୍ୟାଦି ଯାହା ବି ଆଇନଗତ ସମସ୍ୟା ବିଷୟରେ ଅନ୍ୟମାନଙ୍କୁ ସଚେତନତା କରିବା ସହିତ ହିତାଧିକାରୀ ମାନଙ୍କଠାରୁ ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଏଥିରେ ତାଲୁକ ଲିଗାଲ କମିଟି, କୋରାପୁଟ, କୋଟପାଡ, ଦଶମନ୍ତପୁର, ସେମିଳିଗୁଡା ଏବଂ ଜିଲ୍ଲା ଆଇନ ସେବାପ୍ରାଧିକରଣ ଜୟପୁର ପାରାଲିଗାଲ ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ଗ୍ରାମପଂଚାୟତକୁ ଗସ୍ତ କରି ଲୋକମାନଙ୍କ ଠୁ ବିଭିନ୍ନ ଯୋଜନା ବା ବିଭିନ୍ନ ବର୍ଗର ଭିନ୍ନ ଭିନ୍ନ ସମସ୍ୟାକୁ ନେଇ ସର୍ବମୋଟ, ୫୨୭ ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଛି। ଏହି ଦରଖାସ୍ତ ଗୁଡିକ ପରବର୍ତ୍ତୀ ସମୟରେ ବିଭିନ୍ନ ବିଭାଗ କୁ କାର୍ଯ୍ୟକାରିତା କରିବାକୁ ପ୍ରେରଣା କରାଯିବ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କହିଥିଲେ। ଏହି ପଂଚାୟତ ସ୍ତରୀୟ ଆଇନ ସହାୟତା ଶିବିର କାର୍ଯ୍ୟକ୍ରମକୁ ବ୍ଲକ ଅଧିକାରୀ ମାନେ ମଧ ସହଯୋଗ କରିଥିଲେ।

ଧ୍ୱନି ପ୍ରତିଧ୍ୱନି

# ଯା ଦେବୀ ସର୍ବଭୂତେଷୁ



## କାଶତଣ୍ଡୀ
### ସ୍ନିଗ୍ଧା. ଜି. ମହାପାତ୍ର

ଆଶ୍ୱିନ ମାସର ନିର୍ମଳ ଆକାଶ
ଧବ ଫର ଫର ଦିଶେ..
କାଶତଣ୍ଡୀ ତାର ପ୍ରତିବିମ୍ବ ପରି
ଧରଣୀ ଦେହରେ ଭାସେ..

ସବୁଜ ପ୍ରାନ୍ତରେ ମେଘମାଳା ସମ
ଦିଶୁଥାଏ ଅନୁପମ.....
ଧବଳ କଅଁଳ କେଣ୍ଡାରେ ତାହାର
ଭରିଥାଏ କି ସରମ..

ଦ୍ରୁମ ନୁହେଁ ସିଏ ଛାର ତୃଣଟିଏ
ମାଟିରେ ମିଶିକି ଥାଏ
ସକଳ ଶକତି ଶରଧା ଲଗାଇ
ଧରାରେ ବିସ୍ତରି ଯାଏ

ଉଲ୍ଲସିତ ହୋଇ ଏଇ କାଶତଣ୍ଡୀ
ଉଦ୍ଭାସିତ କରେ ମହୀ..
ଚାମରକୁ ତାର ଦୋହଲାଉ ଥାଏ
ମାଆଙ୍କ ରାହାକୁ ଚାହିଁ..

ପୂର୍ଣ୍ଣମୀ ଜହ୍ନର ଜୋଛନାରେ ସିଏ
ସାଗର ପରାଏ ଦିଶେ..
ନଈ ପରି କେବେ ଭ୍ରମ ସୃଷ୍ଟି କରି
କବିର ମନକୁ ତୋଷେ..

ଧରାରେ ବିରାଜି ଭକ୍ତିରେ ଭିଜାଇ
ଗୁପତେ ଦିଏ ବାରତା..
ଯେତେ କ୍ଷୁଦ୍ର ହେଲେ ଶୁଭ୍ରତା ବିଞ୍ଚିଲେ
ହୋଇବ ଜଗତ ଜିତା..

+ବାରିପଦା

## ଅବତରି ଆସନ୍ତି ମା' ମହାଗୌରୀ
### ନୂତନ କୁମାର ବେହେରା

ଧରାପୃଷ୍ଠେ ଅବତରି ଆସନ୍ତି ମା' ମହାଗୌରୀ
ଆଶ୍ୱିନ ଶୁକ୍ଳ ପକ୍ଷ ଶୁଭ ଲଗନେ,
ଶାରଦୀୟ ଶୋଭାଶିରୀ
ନେଉଥାଏ ମନୋହରୀ
ପରିବେଶ ସ୍ୱଚ୍ଛ ଥାଏ ସାରା ଭୁବନେ,
ଭକ୍ତିଭାବ ହୃଦୟେ ଭରି
ଶ୍ରଦ୍ଧାଳୁ ଭକତ କରେ ହାରି ଗୁହାରି।

ନବରାତ୍ର ଅଷ୍ଟମୀରେ ଶୁଭ ତିଥି ଅବସରେ
ମହାଗୌରୀ ବେଶେ ମାତା ହୁଅନ୍ତି ଉଭା,
କମନୀୟା ଶାନ୍ତା ସୌମ୍ୟା ରୂପ
ଗୁଣେ ସେ ଲାବଣ୍ୟା
ସୂର୍ଯ୍ୟ ସମ ଦୀପ୍ତି କାନ୍ତି ଝଟକେ ପ୍ରଭା,
ସେ ଶ୍ୱେତ ବସ୍ତ୍ର ପରିହିତା
ବୃଷାରୂଢ଼ା ଚତୁର୍ଭୁଜା ଜଗତଜିତା।

ସଂସାର କଲ୍ୟାଣେ ଦେବୀ
ଆସିଥାନ୍ତି ଆବିର୍ଭାବି
ବେନି ଭୁଜରେ ଡମ୍ବରୁ ତ୍ରିଶୂଳ ଧରି,
ଆନ ବେନି ଭୁଜ ଥାଏ
ଅଭୟ ବର ଦେବାରେ
ଜଗତର ହିତେ ପଡ଼େ ଆଶିଷ ଝରି,
ମହାଗୌରୀ ମମତାମୟୀ
ଭରସା ରଖି ଭକତ ହୁଏ ଆଶ୍ରୟୀ।

ସେ ଅଶେଷ ଧୈର୍ଯ୍ୟ ଧରି
କଠୋର ତପସ୍ୟା କରି
କଳା ପଡ଼ିଥିଲା ତାଙ୍କ ଶରୀର ଶିରୀ,
ସନ୍ତୁଷ୍ଟ ହୋଇ ଶଙ୍କର ପତି ହୋଇଲେ ତାଙ୍କର
ଗଙ୍ଗାସ୍ନାନେ ପୂର୍ବରୂପ ପାଇଲେ ଫେରି,
ମହାଗୌରୀ ନାମେ ନାମିତା
ହୋଇ ମାତା ସାରା ବିଶ୍ୱେ ହେଲେ ବିଦିତା।

ମହାଷ୍ଟମୀ ଦିନେ ପୂଜି ଯଶ ସୁନାମ ଅରଜି
ଧରାଧାମେ ରହେ ସୁଖେ ଭକତ ଜନ,
ଶୁଭଙ୍କରୀ ମହାଗୌରୀ ଐଶ୍ୱର୍ଯ୍ୟ ଦିଅନ୍ତି ଭରି
କ୍ଳେଶ ଅପସରି ମୁକ୍ତ ରହେ ଜୀବନ,
ପବିତ୍ର ହୃଦୟେ ପ୍ରଣାମ
କରି ମିଳେ କୃପା ଧନ୍ୟ ହୁଏ ଜନମ।

+କୋହି,ବାରିପଦା,ମୟୂରଭଞ୍ଜ,
ମୋ: ୮୦୧୮୩୫୩୩୨୨

## ଯା ଦେବୀ ସର୍ବ ଭୂତେଷୁ
### ଅବନ୍ତି ପଣ୍ଡା

ଦୁର୍ଗତି ନାଶିନୀ ଦୁର୍ଗେ
ମାଗୋ ଜଗତଜନନୀ
ଶକ୍ତି ରୂପେ ସର୍ବଭୂତେ
ବିରାଜିତା ମା ଭବାନୀ।

ପରମ ବୈଷ୍ଣବୀ ମାତା
ମହାଦେବୀ ଗୋ କଲ୍ୟାଣୀ
ଶାନ୍ତି ରୂପେ ସର୍ବଭୂତେ
ବିରାଜିତା ମା ଭବାନୀ ।

ସ୍ନେହମୟୀ ଜନନୀ ଗୋ
ତୁମେ ଜଗତ ପାଳିନୀ
ମାତୃ ରୂପେ ସର୍ବଭୂତେ
ବିରାଜିତା ମା ଭବାନୀ ।

ଜଗତ ମଙ୍ଗଳ ପାଇଁ
ଜଗନ୍ମାତା ଗୋ ଶିବାନୀ
ବିଦ୍ୟା ରୂପେ ସର୍ବଭୂତେ
ବିରାଜିତା ମା ଭବାନୀ ।

ଧରା ବକ୍ଷେ ଆବିର୍ଭୂତା
ଅପରାଜିତା ରୁଦ୍ରାଣୀ
ସିଦ୍ଧି ରୂପେ ସର୍ବଭୂତେ
ବିରାଜିତା ମା ଭବାନୀ ।

ଜୟ ଜୟ ମହାମାୟା
ଜୟ ମହିଷାମର୍ଦ୍ଦିନୀ
ଘେନ ଭକ୍ତି ପୁଷ୍ପାଞ୍ଜଳି
ମା ବରାଭୟ ଦାୟିନୀ।

+ଜଗତସିଂହପୁର
ମୋ: ୯୮୬୧୬୨୮୭୯୨

## ବିଜେ କର ଶକ୍ତିସ୍ୱରୁପିଣୀ
### ନଳିନୀ ଦାଶ

ମାତ ହରପ୍ରିୟା ନିର୍ଭୟା ଅଭୟା
ଚନ୍ଦ୍ରଘଣ୍ଟା କାଳରାତ୍ରୀ
ଅନ୍ୟାୟ ଅଶାନ୍ତି ଅସତ୍ୟ ପାପରୁ
ରକ୍ଷାକର ସିଦ୍ଧିଦାତ୍ରୀ ।

ମାତା କାତ୍ୟାୟନୀ ବିଶ୍ୱ ବିମୋହିନୀ
ତୁମର ଆଶିଷ ଝର
ହିଂସାକାଣ୍ଡ କ୍ରୋଧ ଜଗତେ ବଢ଼ିଛି
ବିଜେ କରି ନାଶ କର ।

ମାନବରୂପୀଏ ଅସୁର ମାନଙ୍କ
ଦର୍ପ ଦିଅ ମାଆ ଦଳି
ଅମୃତ ବରଷ ମର୍ତ୍ତ୍ୟ ମଣ୍ଡଳରେ
ଶକ୍ତିମୟୀ ମହାକାଳୀ ।

ଶକ୍ତି ସ୍ୱରୁପିଣୀ ବୁଦ୍ଧିଦା ଇନ୍ଦ୍ରାଣୀ
ବିଜେକର ଆଦିମାତ
ଦଶଭୂଜେ ଧରି ଅମୋଘ ଆୟୁଦ୍ଧ
ହୁଅ ମାଆ ଆବିର୍ଭୁତ ।

କୁଷ୍ମାଣ୍ଡା ଦେବୀଗୋ ତୁମର ସୃଷ୍ଟିକୁ
ନିଜହାତେ ରକ୍ଷାକର
ମାତ ମୁକ୍ତେଶ୍ୱରୀ ଦେବୀ ମାହେଶ୍ୱରୀ
ନାରୀ ଦେହେ ଶକ୍ତି ଭର ।

କୋପାନଳେ ଜାଳ ଅନ୍ୟାୟ ଅଶାନ୍ତି
ବସୁନ୍ଧରା ରକ୍ଷା ପାଉ
ସ୍ନେହଁ ପ୍ରେମ ଶାନ୍ତି ଗଙ୍ଗା ଧାରା ବହୁ
ଦୁଃଖ ଅପସରି ଯାଉ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ: ୯୨୩୮୯୯୬୬୪୯

## ସୃଷ୍ଟି କାରିଣୀ ଆଦିମାତା
### ପ୍ରଦୀପ୍ତ କୁମାର ଦାସ

ମୁଁ ସକଳ ଦିବ୍ୟତାରେ
ଦାଉ ଦାଉ ହେଉଥିବା ବହ୍ନିକନ୍ୟା...
ମୁଁ ଭୂମିରୁ ଭୂମା ଯାଏଁ ପରିବ୍ୟାପ୍ତ
ସର୍ବପୂଜ୍ୟା ଶାଶ୍ୱତ ପ୍ରତିମା...।

ମୁଁ ପ୍ରତି ମାଆ ଭିତରର
ଛଳ ଛଳ ବାତ୍ସଲ୍ୟ ମମତା,
କଳ କଳ ନିନାଦିନି
କରୁଣା ସଂହିତା...।

ମୁଁ ସରସ୍ୱତୀ ଭଗବତୀ ସୀତା
ଶକ୍ତି ସ୍ୱରୂପିଣୀ ଦୁର୍ଗତି ନାଶିନୀ
ମହିଷା ମର୍ଦ୍ଦିନୀ ଦୁର୍ଗା
ମଙ୍ଗଳମୟୀ ମଙ୍ଗଳା
ଦ୍ୱିଭୁଜା ବିରଜା...।.

ମୁଁ ସତୀ ସାଧ୍ୱୀ ପତିପ୍ରଣା ପାର୍ବତୀ
ମୁଁ ସ୍ୱୟଂସିଦ୍ଧା, ସର୍ବଂସହା ବସୁଧା
ମୁଁ ଷଡ଼ ରିପୁ ସଂହାର କାରିଣୀ
ଜଗତ କଲ୍ୟାଣମୟୀ ମହାଲକ୍ଷ୍ମୀ
ସର୍ବ ସୃଷ୍ଟିକାରିଣୀ ଆଦିମାତା।

+କଣ୍ଟାବଣିଆ, ଛତ୍ରପଡ଼ା, ପ୍ରୀତିପୁର,
ଯାଜପୁର, ଓଡ଼ିଶା,
ମୋ - ୯୪୩୭୮୫୪୧୭୫

## ନାରୀ ପାରେ ବି ସଂହାର କରି
### ରତ୍ନକାନ୍ତି ମିଶ୍ର

ନାରୀ କରିଥାଏ ସୃଷ୍ଟିର ସର୍ଜନା
ଜନନୀର ରୂପ ଧରି
ଜାୟା ରୂପେ ସିଏ ସୁଖ ଦୁଃଖ ସବୁ
ନେଇଥାଏ ଭାଗ କରି ।

ଭଗିନୀ ରୂପରେ ସେନେହ ମମତା
ଅକାତରେ ବାଣ୍ଟି ଦିଏ
ଯୁଗ ଯୁଗ ଧରି ସର୍ବଂସହା ରୂପେ
ଜଗତେ ବିଦିତ ହୁଏ ।

ସେନେହ ଡୋରିରେ ବାନ୍ଧି ହୋଇଥାଏ
ଦୁଇ ପରିବାର ନେଇ
ଦୁଇ କୁଳ ହିତା ସେ ପରା ଦୁହିତା
ଅତୁଳନୀୟାଟି ସେହି ।

ଯାହା ପାଇଁ ଘର ଲାଗଇ ମନ୍ଦିର
ସର୍ବଥା ସେ ବନ୍ଦନୀୟା

ଦୁଃଖ ସହି ସିଏ ସୁଖ ବାଣ୍ଟୁଥାଏ
ନାରୀ ତେଣୁ ମହନୀୟା ।

ନାରୀ ଅନୁପମା ନାହିଁ ତା ଉପମା
ସ୍ରଷ୍ଟାଙ୍କ ଅମୂଲ୍ୟ ଦାନ
ତ୍ୟାଗ ତିତିକ୍ଷାର ଉତ୍କୃଷ୍ଟ ପ୍ରମାଣ
ବହୁ ଉଚ୍ଚରେ ତା ସ୍ଥାନ ।

ନାରୀ ନୁହେଁ କେବେ ଅବଳା ଦୁର୍ବଳା
ପାରେ ବି ସଂହାର କରି
ଦୁଷ୍ଟ ନିବାରଣେ ପତିତ ତାରଣେ
ଦୁର୍ଗା ରୂପ ନିଏ ନାରୀ ।

+ଆଳି, କେନ୍ଦ୍ରାପଡା

## ଜୟ ମା' ଅମ୍ବେ ଭବାନୀ
### ରାମଚନ୍ଦ୍ର ବେହେରା

ଜୟ ଜଗଦମ୍ବେ ଅମ୍ବେ ଭବାନୀ
ଜୟ ଦଶଭୂଜା ଶୁଭଦାୟିନୀ
ଆସ ଏ ମରତ ଧାମ
ସର୍ବ ଦେବା ଦେବୀ ଅସ୍ତ୍ର ଶସ୍ତ୍ର ଧରି
ଦିଅ ତବ ଦରଶନ।
ଦେବତା କୁଳର ରଖିଲ ଯଶ
ଶୁମ୍ଭ ନିଶୁମ୍ଭଂକ କରିଲ ନାଶ
କ୍ରୋଧାଗ୍ନିରେ ଗଲ ହଜି
ମହିଷାସୁରକୁ ବଦ୍ଧ କରିଥିଲ
ମହିଷା ମର୍ଦ୍ଦିନୀ ସାଜି।
ପାପ ନାଶ କରି ଶାନ୍ତି ବାଣ୍ଟିଲ
ଶୁକ୍ଳ ଆଶ୍ୱିନରେ ଧରା ଛୁଇଁଲ
ପୂଜା ପାଇଲ ପାର୍ବଣେ
ଦୁର୍ଗତି ନାଶିନୀ ମହାମାୟୀ ବୋଲି
ପରିଚିତା ଏ ଭୁବନେ।
ନବରାତ୍ର କାଳେ ବିଭିନ୍ନ ରୂପେ
ପୂଜା ପାଉଅଛ ଶକତି ପୀଠେ
ହସୁଛି ଧର୍ମ ଜଗତ
ତୂରୀ ଭେରୀ ଶବ୍ଦେ ଭକତଂକ ପ୍ରାଣ
ହେଉଅଛି ପୁଲକିତ।
ତୁମ ଆଗମନ ଶୁଭ ଲଗନେ
ଖୁସୀର ଜୁଆର ବହୁଛି ପ୍ରାଣେ
ଆହ୍ଲାଦିତ ଏ ଭୁବନ
ତୁମ ଶୁଭାଶିଷେ ଜଗତବାସୀଂକୁ
ଭରିଦିଅ ଦିବ୍ୟ ଜ୍ଞାନ।
ତୁମ କୃପାବଳେ ହସୁଛି ମହୀ
ସତ୍ୟ କୁହା ଜନ ହୁଏ ବିଜୟୀ
ଅଧର୍ମ ହାରୁଛି ବାଜି
ଜଗତ ଜନଂକ ପୂର୍ଣ୍ଣକର ଆଶା
ଅଭୟଦାୟିନୀ ସାଜି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ମାଆ ଆସୁଛନ୍ତି ଧ୍ରୁବ ଚରଣ ଘିବେଲା

ମାଆ ଆସୁଛନ୍ତି ସରଗୁ ଓହ୍ଲେଇ
ବିରାଜିବେ ମରତରେ
ଦେଇ ଦରଶନ ତୋଷି ଜନ ମନ
ପୂଜା ପାଇବେ ମହୀରେ ।

ପୂଜାମଣ୍ଡପରେ ଆସ୍ଥାନ ଉପରେ
ଦଶଭୁଜା ଦୁର୍ଗାମାଆ
ସୁସଜ୍ଜିତ ମେଢ଼ ଦିଶଇ ସୁନ୍ଦର
ମାଆ ରୂପ କମନୀୟଓ ।

ମହିଷାମର୍ଦ୍ଦିନୀ ଦୁର୍ଗତିନାଶିନୀ
ସଂହାରିବେ ଦୁଷ୍ଟ ଜନ
ସନ୍ଥକୁ ପାଳିବେ ମହୀ ଉଦ୍ଧାରିବେ
ଶାନ୍ତ ହେବ ଧରା ଧାମ ।

ସଞ୍ଜ ନଇଁଗଲେ ଆଲୋକମାଳାରେ
ଝଲସେ ପୂଜାମଣ୍ଡପ
ଭକତ ଗହଳେ କେ ମନଓସେ ପୁଣି
ଜାଳି ଦେଇ ଧୂପ ଦୀପ ।

ମାଆଙ୍କର ପୂଜା ନୀତିକାନ୍ତି ମତେ
ଚାଲେ ନଅଦିନ ଧରି
ଶ୍ରଦ୍ଧାଳୁ ଭକତ ଯୋଡ଼ି ବେନି ହସ୍ତ
ଥାନ୍ତି ମାଆଙ୍କୁ ସୁମରି ।

କେତେ ବେଗିପୁଣି ମାଆଙ୍କମେଲାଣି
ବେଳା ଉପଗତ ହୁଏ
ବିଜୟା ଦଶମୀ ବିଦାୟର ବେଳ
ମାଆଙ୍କ ଭସାଣି ହୁଏ ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

## ମାଆ ଆସୁଛନ୍ତି ଧ୍ରୁବ ଚରଣ ଘିବେଲା

ମାଆ ଆସୁଛନ୍ତି ସରଗୁ ଓହ୍ଲେଇ
ବିରାଜିବେ ମରତରେ
ଦେଇ ଦରଶନ ତୋଷି ଜନ ମନ
ପୂଜା ପାଇବେ ମହୀରେ ।

ପୂଜାମଣ୍ଡପରେ ଆସ୍ଥାନ ଉପରେ
ଦଶଭୁଜା ଦୁର୍ଗାମାଆ
ସୁସଜ୍ଜିତ ମେଢ଼ ଦିଶଇ ସୁନ୍ଦର
ମାଆ ରୂପ କମନୀୟଓ ।

ମହିଷାମର୍ଦ୍ଦିନୀ ଦୁର୍ଗତିନାଶିନୀ
ସଂହାରିବେ ଦୁଷ୍ଟ ଜନ
ସନ୍ଥକୁ ପାଳିବେ ମହୀ ଉଦ୍ଧାରିବେ
ଶାନ୍ତ ହେବ ଧରା ଧାମ ।

ସଞ୍ଜ ନଇଁଗଲେ ଆଲୋକମାଳାରେ
ଝଲସେ ପୂଜାମଣ୍ଡପ
ଭକତ ଗହଳେ କେ ମନଓସେ ପୁଣି
ଜାଳି ଦେଇ ଧୂପ ଦୀପ ।

ମାଆଙ୍କର ପୂଜା ନୀତିକାନ୍ତି ମତେ
ଚାଲେ ନଅଦିନ ଧରି
ଶ୍ରଦ୍ଧାଳୁ ଭକତ ଯୋଡ଼ି ବେନି ହସ୍ତ
ଥାନ୍ତି ମାଆଙ୍କୁ ସୁମରି ।

କେତେ ବେଗିପୁଣି ମାଆଙ୍କମେଲାଣି
ବେଳା ଉପଗତ ହୁଏ
ବିଜୟା ଦଶମୀ ବିଦାୟର ବେଳ
ମାଆଙ୍କ ଭସାଣି ହୁଏ ।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

# ନବରାତ୍ର ପୂଜାରେ ଉର୍ଜ୍ଜାଃଶକ୍ତିର ଜାଗରଣ


### କିଶୋର ଚନ୍ଦ୍ର ଜେନା

'ମା' ଙ୍କ ନବରାତ୍ର ପୂଜା ଓଡ଼ିଶା ଶକ୍ତିପୀଠ ମାନଙ୍କରେ ଏକ ବିଶେଷ ମହତ୍ତ୍ୱ ରଖେ। ଏହି ନବରାତ୍ର ପୂଜାରେ 'ମା' ନଅଟି ବିଶେଷ ବେଶ ହୁଅନ୍ତି ଏବଂ 'ମା' ଭବାନୀଙ୍କର ନଅଗୋଟି ସ୍ୱରୂପକୁ ବିଧିବଦ୍ଧ ଭାବରେ ପୂଜା ଅର୍ଚ୍ଚନା କରାଯାଏ। ଆଶ୍ୱିନ ମାସର ଶୁକ୍ଳପକ୍ଷ ଠାରୁ ଏହି ଶକ୍ତି ଉପାସନାର ମହାପର୍ବ ବା ଶାରଦୀୟ ନବରାତ୍ର ପୂଜା କଳସ ସ୍ଥାପନା ପୂର୍ବକ ଆରମ୍ଭ ହୁଏ। ପ୍ରତ୍ୟେକ ଦିନରେ ଗୋଟିଏ ଗୋଟିଏ ବିଶେଷ ବେଶ ବା ସ୍ୱରୂପ ରୂପେ 'ମା' ପୂଜା ପାଆନ୍ତି। 'ମା' ଙ୍କର ୯ଟି ସ୍ୱରୂପ ହେଲା:- ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, 'ମା' କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରି। ଏହି ରୂପରେ ବା ଏହି କାୟାରେ ବିଶେଷ ପୂଜା ନୀତି ଅନୁଷ୍ଠିତ ହୁଏ। ପ୍ରତ୍ୟେକ ବେଶର ମହାତ୍ମ୍ୟ ବି ଅଲଗା ଅଲଗା ରୂପେ ବର୍ଣ୍ଣିତ। ସାଧାରଣତ ଭାବେ ଏହି ଧରଣୀ 'ମା' ହେଉଛି ଉର୍ଜ୍ଜାମୟୀ ଶକ୍ତିର ଆଧାର। ଏହି ଉର୍ଜ୍ଜାଶକ୍ତିର ଲାଭକୁ ଆମେ କିପରି ଭାବରେ ଦୈନନ୍ଦିନ ଜୀବନରେ ଉପଯୋଗ କରିପାରିବା ତାହା ଆମର ଭାବନା ଓ ଆରଧନାରେ ଅର୍ନ୍ତନିହିତ ଶକ୍ତି ଉପରେ ନିର୍ଭର ଶୀଳ। ତାହାକୁ ଶଂରଣ କଲେ ଆମେ ଉର୍ଜ୍ଜାଶକ୍ତିରେ ପରିପୂର୍ଣ୍ଣ ହୋଇପାରିବା।

ଆଧାତ୍ମିକ ଭାବନାରେ ଏହି ନବରାତ୍ର ଦିନାତ୍ମକରେ "ଆମେ ମନ ଓ ଶକ୍ତିର ସାଧନାର କୌଶଳକୁ ବିକଶିତ କରିପାରିବା"। ଜ୍ଞାନର ପ୍ରକାଶରେ ଜୀବନକୁ ଆମ୍ଭେ ଆଲୋକିତ କରିପାରିବା। ମାନବୀୟ ଗୁଣଗୁଡ଼ିକର ପରିପ୍ରକାଶରେ ଆମ୍ଭେ ଆମ୍ଭର ଶୂନ୍ୟ ଝୋଲିକୁ ପରିପୂରଣ କରିପାରିବା।ବିବିଧ ସଂକଟମାନଙ୍କୁ ଅତିକ୍ରମଣର ସାହାସ ଆମ ଭିତରେ ଉଜାଗର ହେବ। ଦୃଷ୍ଟିଶକ୍ତି ସହିତ ଲଢିବାର ଶକ୍ତି ମଧ ସ୍ଫୁରିତ ହେବ। ଏହି ପୂଣ୍ୟ ନବରାତ୍ରରେ ଇନ୍ଦ୍ରଧନୁର ସପ୍ତରଙ୍ଗକୁ ଅତିକ୍ରମଣ ପୂର୍ବକ ଆମ୍ଭେ ନବରଙ୍ଗରେ ରଙ୍ଗାୟିତ କରିପାରିବା। ଆମ୍ଭେ ଯଦି 'ମା'ଙ୍କର ନବରାତ୍ର ପୂଜାର ବିଶେଷତ୍ୱକ ଆଲୋଚନା କରିବା ତେବେ ଅନୁମେୟ ହେବ ଯେ ଶକ୍ତି ସ୍ୱରୂପିଣୀଙ୍କର ନଅଟି ରୂପ ଆମକୁ ସାର୍ଥକ ବିଚାରଧାରା ସହିତ ନିରାମୟ ଜୀବନକୁ ନବ ରଙ୍ଗ ଓ ଶକ୍ତି ସହିତ ମିଳନ କରାଇବାରେ ସାମର୍ଥ୍ୟ ଦିଏ।

ଏ ଧରା ଶିବ ଓ ଶକ୍ତିର ମିଳନରେ ହିଁ ପରିପୃଷ୍ଟ। ଦୁହେଁ ଦୁହିଁଙ୍କର ପରିପୂରକ। ଶିବ ବିନା 'ଶକ୍ତି' ଶକ୍ତିହୀନ ଏବଂ ଶକ୍ତି ବିନା ଶିବ 'ଶବ'। ଦୁହିଁଙ୍କର ମିଳନରେ ହିଁ ଏ ଜୀବ ଜଗତ ପରିପୁଷ୍ଟ ତେଣୁ ଶକ୍ତି ସ୍ୱରୂପାଙ୍କ ୯ ଟି ରୂପ ଆମ୍ଭକୁ ଏବଂ ପୃଥିବୀ ବକ୍ଷକୁ ସାର୍ଥକ ବିଚାରଧାରାରେ ଜୀବନ ସହିତ ସଂଲଗ୍ନ ନଅଟି ରଙ୍ଗ ଏବଂ ଶକ୍ତି ସହିତ ପରିଚିତ କରାଏ।

ପରମ୍ପରା ଗତ ରୂପରେ ମା' ଆଦ୍ୟାଶକ୍ତିଙ୍କୁ ପୂଜା କରିବାରେ। ମହାନ ଭାରତୀୟ ସଂସ୍କୃତି କିପରି ମାତୃ ଜାତିକୁ ସର୍ବୋଚ୍ଚ ସ୍ଥାନରେ ସ୍ଥାନିତ କରିଛି। ତାହାର ପଟାନ୍ତର ନାହିଁ। ମାତୃ ଜାତି ଆଜି ଦେଶକୁ ଗୌରବାନ୍ୱିତ କରିବାରେ ମଧ ସିଦ୍ଧହସ୍ତ। ସ୍ତ୍ରୀ ଜାତି ଆଜି ଅବଳା ଏବଂ ଦୁର୍ବଳାରେ ପରିଗଣ୍ୟ ନୁହେଁ। ତଥାପି ଆଜି ସମାଜରେ ସ୍ତ୍ରୀ ଜାତି ଅତ୍ୟାଚାରିତ ଭାବେ ଶୋଷଣର ସ୍ୱୀକାର ହେଉଛନ୍ତି। ଏହାର ମୁଖ୍ୟ କାରଣ ହେଲା ନକରାତ୍ମକ ଭାବନା। ମାତୃଶକ୍ତି ହେଉଛି ଚିରନମସ୍ୟ ଓ ଚିରବନ୍ଦନୀୟ। ଏହି ମହାନଭାବନାରେ ବିକଶିତା ସମସ୍ତଙ୍କର ହୃଦୟ ଦ୍ୱୀପରେ ପ୍ରଜକଜ୍ୱଳିତ ହେଉ। ଅମା ଅନ୍ଧାରର ନକାରାତ୍ମକ ସର୍ଜ୍ଜନା ଦୂରୀଭୂତ ହେଉ। ମହାଚଣ୍ଡୀରେ ଉଲ୍ଲେଖୀତ ଶ୍ଳୋକ- " ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମଃ ତସୈ ନମଃ ତସୈ ନମୋଃ ନମଃ"। ବିଦ୍ୟା ରୂପଣେ, ଲକ୍ଷ୍ମୀ ରୂପେଣ, କାୟା ରୂପେଣ, ଶାନ୍ତି ରୂପେଣ ଇତ୍ୟାଦି ଇତ୍ୟାଦି। ତେଣୁ ଆମର ସନାତନ ସଂସ୍କୃତି ନାରୀ ଜାତିକୁ ମା ରୂପରେ ଭଗିନୀ ରୂପରେ ସ୍ତ୍ରୀ ରୂପରେ, କନ୍ୟା ରୂପରେ ଦେଖେ। ତେଣୁ ଏ ପ୍ରତ୍ୟକର ଭାବକୁ ଚେତନାତ୍ମକ ଶକ୍ତି ଦ୍ୱାରା ଅନୁଶୀଳନ କଲେ ହିଁ ପୁରୁଷର ନକରାତ୍ମକ ଭାବନା ଓ ରାକ୍ଷାସରୂପୀ ମହିଷାସୁର ରୂପକ ପାପ ଶକ୍ତିର ଅନ୍ତଃ ଘଟିବ ଏବଂ ଏ ଧରଣୀ ମା ସ୍ନେହୀ ମାତୃଶକ୍ତି ଦ୍ୱାରା ପରିପୂର୍ଣ୍ଣତା ଯେ ଲାଭ କରିବ ଏଥିରେ ସନ୍ଦେହ ନାହିଁ। ସବୁଠାରୁ ଚିନ୍ତାର କାରଣ ହେଉଛି ଯେ ସ୍ନେହ ପ୍ରେମ ଏବଂ କରୁଣାରେ ଭରା ନାରୀ ମନ ଆଜି ଶୋଷଣ ଗ୍ରସ୍ତ। ଯେତେବେଳେ ଶିକ୍ଷା ଏବଂ ଅନାନ୍ୟ କାମ କାର୍ଯ୍ୟରେ ଏବଂ ବିଭିନ୍ନ ମୋର୍ଚ୍ଚାରେ ସ୍ତ୍ରୀ ଆଜି ଦେଶକୁ ଗୌରବାନ୍ୱିତ କରିବାରେ କୌଣସି କସର ଛାଡୁନାହାନ୍ତି ସେଠି କିନ୍ତୁ ବ୍ୟବହାରିକ ଜୀବନରେ ମଧ ନିଜକୁ ସର୍ତକ ଓ ସଜାଗ ରଖିବା ଅନିବାର୍ଯ୍ୟ ମନେହୁଏ। ଆତ୍ମବିଶ୍ୱାସ ଏବଂ ଚେତନାମୟ ବ୍ୟକ୍ତିତ୍ୱ ସଫଳତାର ମୁଖ୍ୟ ସର୍ତ୍ତ ଅଟେ। ନିଜ ଲୋକ ହେଉ ଅଥବା ପର ଲୋକ ହେଉ ନକରାତ୍ମକ ଦୃଷ୍ଟି ଭଙ୍ଗୀକୁ ସକାରତ୍ମକତା ଦୃଷ୍ଟିଭଙ୍ଗୀରେ ପରିଣତ କରିବାର ଗୁରୁ ଦାୟିତ୍ୱ ପ୍ରତ୍ୟେକ ପୁରୁଷର। ସର୍ବୋପରି ଏ ଦାୟିତ୍ୱ ଆମ ସମସ୍ତଙ୍କର। ମା ଦୁର୍ଗାଙ୍କର ପ୍ରତ୍ୟେକ ସ୍ୱରୂପ ଚେତନାତ୍ମକ ଶକ୍ତିର ଶିଖରତମ ପ୍ରଦେଶକୁ ମଧ ପ୍ରତିବିମ୍ବିତ ଓ ଆନ୍ଦୋଳିତ କରିଥାଏ। ଏହି କାରଣରୁ ଏହି ପର୍ବ ନା କେବଳ ସ୍ତ୍ରୀତ୍ୱର ଗାରିମା ଏବଂ ଗୌରବମୟର ଜୟଗାନ କରେ ବରଂ ଏହା ଶକ୍ତିର ମଧ ଏକ ମହାନ ପର୍ବ ଭାବେ ପରିବିଦିତ ଏବଂ ପରିଚିତ। ଏହି ପର୍ବ 'କୁ' ଉପରେ 'ସୁ' ଏବଂ 'ଅନ୍ୟାୟ' ଉପରେ 'ନ୍ୟାୟ' 'ନକରାତ୍ମକ' ଉପରେ 'ସକରାତ୍ମକ' ର ବିଜୟ ବୋଲି ଆମେ କହୁ। ରୂପଂ ଦେହି, ଜୟଂ ଦେହି ଯଶୋଦେହୀ ଦ୍ୱିଷୋଜାୟୀ ର ଭାବକୁ ନେଇ ଅନ୍ତଃର୍ମନକୁ ସବଳତାର ଝୋଲିରେ ଭରିବାର ଏ ଉତ୍ସବ। ବର୍ତ୍ତମାନର ପରିବେଶରେ ସୁରକ୍ଷା ଏବଂ ସଫଳତା ପ୍ରତ୍ୟେକ ପକ୍ଷରେ ଦେଶର ନାରୀମାନେ ଏହି ଭାବନାତ୍ମକ ମାନସିକତାକୁ ମନରେ ଦୃଢୀଭୂତ ଓ ସର୍ବାଗ୍ରେ ସବଳତା ପ୍ରଦାନ କରିବାର ଆବଶ୍ୟକତା ଏକାନ୍ତ ଜରୁରୀ ମନେହୁଏ।



ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ୍.ଏଲ୍)
ମୋ:୯୪୩୭୦୪୧୩୦୦

# ଯା ଦେବୀ ସର୍ବଭୂତେଷୁ



## ଅଭୟଦାୟିନୀ ମହାମାୟା

### ଡ. ଶିଶିର କୁମାର କର





"ତ୍ରାହି ତ୍ରାହି ମାତଃ ବିଶ୍ୱଂ
ଅନ୍ତରୀକ୍ଷଞ୍ଚ ବ୍ରହ୍ମାଣ୍ଡଂ
ଦୁର୍ଗତିନାଶିନୀ ମାତଃ
ବିନାଶାୟତୁ ଦୁର୍ନୀତି
ହତ୍ୟା-ନାରୀ ଧର୍ଷଣେଚ
ରାଜ୍ୟଧନ ଲୁଣ୍ଠନୈବ
ଶାସିତଂ ପ୍ରଜାପୀଡ଼ିତମ
କ୍ଷମତାସୀନ ଶାସକୈଃ
ମହିଷାସୁର ନାଶିନୀ,
ଶୁମ୍ଭନିଶୁମ୍ଭ ଘାତିନୀ
ଧୂମ୍ରଲୋଚନ ନାଶିନୀ
ମାତଃ ରକ୍ତ-ବୀଜାଶନୀ ।"

ଏକବିଂଶ ଶତାବ୍ଦୀର ତୃତୀୟ ଦଶକର ଚତୁର୍ଥ ସମ୍ବତ୍ସରରେ ପାର୍ବଣ ପୂଜା । ଅଥଚ ମହିଷାସୁର ଓ ରାବଣମାନଙ୍କର ଶେଷ ହୋଇନାହିଁ, ନାରୀ ନିର୍ଯାତନା, ଦେହର କ୍ଷୁଧା, ଦୁର୍ନୀତି, କୂଟନୀତି, ବିସ୍ତାରବାଦ, ଚନ୍ଦ୍ରସୂର୍ଯ୍ୟ ଅଭିଯାନ ଅବାଞ୍ଛିତ ନିର୍ବାଚନ ବ୍ୟସ୍ତତା ମଧ୍ୟରେ ଶାରଦୀୟ ଅବକାଶ ଶୁଭ୍ରତା କାହାକୁ ଦିଶୁନାହିଁ । ନିଜ ପାରିଲା ପଣର ପ୍ରତିଷ୍ଠା ପାଇଁ ଚାରିଆଡ଼େ ପ୍ରତିଯୋଗିତା ।

"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତେସ୍ୟୈ ନମସ୍ତସ୍ୟୈ ନମୋନମଃ ।"

ଶକ୍ତି ବିନା ସତ୍ତା ଅସମ୍ଭବ । ମାତୃଭଗବତୀ ଶକ୍ତି ହିଁ ସକଳ ସନ୍ତାନର ରକ୍ଷା କବଚ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଶାରଦୀୟ ପରିବେଶ ମଧ୍ୟରେ ଅକାଳବୋଧନ ଭଗବତୀ ଶକ୍ତିର ଆରାଧନା କରିଥିଲେ । ୧୦୮ ନୀଳ ପଦ୍ମରୁ ଗୋଟିଏ କମ୍ ହେବାରୁ ରାମଚନ୍ଦ୍ର ଶରଫଳକ ଦ୍ୱାରା ଚକ୍ଷୁଉତ୍ପାଟନ କରିବାକୁ ଉଦ୍ୟତ ହେଲେ ।

"ଚକ୍ଷୁ ଉପାଡ଼ି ରାମ ବସିଲା ସାକ୍ଷାତେ,
ହେନ କାଳେ କାତ୍ୟାୟନୀ ଧରିଲେନି ହାତେ ।
କିକର କିକର ପ୍ରଭୁ ଜଗତ ଗୋସାଇଁ
ସଂକଳ୍ପ ତୋମାର ପୂର୍ଣ୍ଣ ଚକ୍ଷୁ ନାଇଁ ଚାହିଁ"
(ବଙ୍ଗ କବି କୃତ୍ତିବାସ କୃତ ରାମାୟଣ)

ଫଳରେ ରାମଚନ୍ଦ୍ର ମନୋରଥ ପୂରଣ ହୋଇଗଲା । ସେ ରାବଣ ଦ୍ୱାରା ଅପହୃତା ସୀତାଙ୍କୁ ଉଦ୍ଧାର କରିଥିଲେ । ବିନା ଶକ୍ତିରେ କେହି ଶତ୍ରୁ ଠାରୁ ଗୃହଲକ୍ଷ୍ମୀଙ୍କୁ ଉଦ୍ଧାର କରିପାରିବ ନାହିଁ । ତେଣୁ ଶକ୍ତି ଉପାସନା ହିଁ ଏକମାତ୍ର ପଥ । ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ କେବଳ ଆଶ୍ୱିନ ଶୁକ୍ଳ ପକ୍ଷାନ୍ତର୍ଗତ ହୋଇଥିବା ଦୁର୍ଗାପୂଜା ଶ୍ରୀରାମଙ୍କ ଠାରୁ ଶୁଭାରମ୍ଭ ହୋଇ ଅଦ୍ୟାବଧି ଚଳି ଆସୁଛି । ବର୍ଷକ ବାରମାସ ମଧ୍ୟରେ ଏ ଦକ୍ଷତ୍ର ଯୁକ୍ତ ତିଥି ପ୍ରବେଶ ଥରେ ମାତ୍ର ହୋଇଥାଏ । (ଯଥା - ଆଶ୍ୱିନ ଶୁକ୍ଳ ଷଷ୍ଠ୍ୟାଂ ଜେଷ୍ଠା ନକ୍ଷତ୍ର ଯୁକ୍ତାୟାଂ କେବଳାୟଂ ତତ୍‌ଷଷ୍ଠୀ ବା ମହାଷଷ୍ଠୀ ଉଚ୍ୟତେ ।)

ତେଣୁ ସେ ଦୁର୍ଗା, ଦୁର୍ଗତି ନାଶିନୀ, ଅଭାଗାମାନଙ୍କର ଭାଗ୍ୟ ଅଗତିର ଗତି । ସବଳ ମାନଙ୍କର ବଳ । ପୁଣି ଦୁର୍ବଳ ମାନଙ୍କର ରକ୍ଷାକବଚ । ସେହିଁ କାମନା କାତର ମଣିଷର କାମ୍ୟ ବିଷୟ । ଅଜ୍ଞାନକୁ ନିତ୍ୟ କରୁଥାନ୍ତି ପିଷ୍ଟ । ଅତ୍ୟାଚାରୀ ପ୍ରଜାପୀଡ଼କ ଶାସକମାନଙ୍କର ସିଂହାସନ ସେ ପଦାଘାତରେ କରିଥାନ୍ତି ଧୂଳିସାତ୍ । ଲାଞ୍ଛିତ, ପତିତ ଓ ସର୍ବହରା ମାନଙ୍କ ଦୁର୍ଗତି ନାଶକ କରିବାକୁ ସେ ସର୍ବଦା ତତ୍ପର । ବିଶ୍ୱଗ୍ରାସୀ, ଦାନବ, ଦୈତ୍ୟ ଓ ରାକ୍ଷସମାନଙ୍କୁ ସେ ନିତ୍ୟ କରୁଥାନ୍ତି ବଦ୍ଧ । ତଥାପି ମଣିଷ ଭିତରେ ଥିବା ପାପକୁ ସେ ବିନାଶ କରିପାରି ନାହାନ୍ତି । ତେଣୁ ପୃଥିବୀରେ ବହୁ ମଣିଷଙ୍କ ଜୀବନ ଏଠି ବ୍ୟର୍ଥ ଓ ବିଡ଼ମ୍ବିତ ।

"ଦୁର୍ଗା ମୁହିଁ ଇଷ୍ଟଦେବୀ ବଳ ସବଳର
ଲକ୍ଷ୍ମୀ ମୁହିଁ ହୃଦୟର ରାଣୀଶ୍ରୀମନ୍ତର
ଧ୍ୱଂସ କରିପାରେ ମହାକାଳୀ ରୂପେ
ପଦତଳେ ଦଳିଚାଲେ ଅସୁରଙ୍କ ଶବ ।"

ସେ ଏକାଧାରରେ ମୋହିନୀ ଓ ଭୟଙ୍କରୀ । ପୁଣି ଅଭୟା ଓ ମରଣଦାତ୍ରୀ । ସ୍ୱୟଂ ଚିନ୍ମୟୀ ହୋଇ ମଧ ନିଜକୁ ପୃଥିବୀର ମୃଣ୍ମୟ ବିଗ୍ରହ ମଧ୍ୟରେ ପ୍ରକଟ କରନ୍ତି । ଅମୋଘ ଶକ୍ତି ଦ୍ୱାରା ଜୀବ ଜଗତର ବିକାଶ ଘଟିଛି । ସେ ସର୍ବଭୂତରେ, ମାତୃ ରୂପରେ, ଶାନ୍ତି ରୂପରେ, ବୁଦ୍ଧି ରୂପରେ, ପ୍ରାଣ ରୂପରେ, ବିଦ୍ୟା ରୂପରେ, ନିଦ୍ରା ରୂପରେ ଏବଂ ମୋହ ରୂପରେ ମଧ ବିରାଜିତ । ତାଙ୍କରି ବିଭିନ୍ନ ଅଂଶରୁ ଜାତ ହୋଇଥିବା ଶକ୍ତି ଓ ଉପଶକ୍ତିମାନେ ପ୍ରତିଗାମ ଓ ନଗରରେ ଦେବୀ ରୂପେ ପ୍ରତିଷ୍ଠିତ ହୋଇ ପୂଜା ପାଉଛନ୍ତି ।

ବସନ୍ତ ଋତୁ ଓ ଶରତ ଋତୁ ଏହି ଦୁଇଟି ସନ୍ଧି ଋତୁ । ଏହି ସମୟରେ ସେ ପୃଥିବୀକୁ ମୃଣ୍ମୟ ସତ୍ତାରେ ଆବିର୍ଭୂତା । ଏହି ଦୁଇଟି ଋତୁରେ ପୃଥିବୀର ନବତେଜ, ସୌନ୍ଦର୍ଯ୍ୟ, ଶକ୍ତି ଓ ପ୍ରାଣସ୍ଫୂର୍ତ୍ତିରେ ହୋଇଥାଏ ଉଚ୍ଛଳିତ । ତେଣୁ ଆସନ୍ତୁ! ସେହି ଦୁର୍ଗେ! ଦୁର୍ଗତି ନାଶିନୀଙ୍କୁ ଅନ୍ତର ଭରି ଆବହନ କରିବା । ମହାମାୟାଙ୍କ ଶକ୍ତି ତେଜ ଓ ଚେତନାର ବଳୟ ଭିତରେ ଭାରତବର୍ଷ ସବୁ ଦୁର୍ଗତିକୁ ପାରି ହୋଇଯାଉ ।

ଅଖିଳ ବିଶ୍ୱବ୍ରହ୍ମାଣ୍ଡ କୀଟପତଙ୍ଗ ଠାରୁ ଗ୍ରହ ନକ୍ଷତ୍ର ଏବଂ ଅନ୍ତରୀକ୍ଷ ପର୍ଯ୍ୟନ୍ତ ସେହି ମହାମାୟା ବୈଷ୍ଣବୀ ଶକ୍ତି ରୂପରେ ସମଗ୍ର ଜଗତକୁ ପାଳନ କରନ୍ତି । ସେହି ଆଦ୍ୟାଶକ୍ତି ପୁଣି ମାହେଶ୍ୱରୀ ଶକ୍ତି ରୂପରେ ନିଜର ତମୋଗୁଣରେ ଜଗତର ହିତ ପାଇଁ ସଂହାର ଓ ପ୍ରଳୟ ରଚନା କରନ୍ତି । ସେହି ମହାମାୟା ସଦାସର୍ବଦା ମଙ୍ଗଳମୟୀ । ତେଣୁ ତାଙ୍କୁ ସର୍ବମଙ୍ଗଳା ବୋଲି କୁହାଯାଏ । ପରିଶେଷରେ ସେହି ମହାମାୟା ଦୁର୍ଗାଙ୍କ ପାଖରେ ଏ ଅଞ୍ଚଳର, ଦେଶର ତଥା ଜଗତର ଶାନ୍ତି ଓ ସୁସ୍ଥତା କାମନା କରି ପୁଣି ଗୋଟିଏ ସମ୍ବତ୍ସରକୁ ଅପେକ୍ଷା କରୁଛୁ ।

"ନମାମି ଭବାନୀଂ ଉମାଂ ହୈମବତୀଂ ବିଶ୍ୱେଶ୍ୱରୀଂ
ନମାମି ଅପର୍ଣ୍ଣାଂ ଦୁର୍ଗାଂ ଶାକମ୍ଭରୀ ଶିବଦୂତୀଂ
ଦୁର୍ଗତି-ଦୁର୍ନୀତି-ପଶାତ୍ ତ୍ରାହି ମାତଃ ମହାମାୟା
ସର୍ବେଷାଂ ଶୁଭଂ ଭବତୁ ତବ ପ୍ରସାଦାତ୍ ମଙ୍ଗଳା ।"

'ଶ୍ରୀ' ନିବାସ
ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ: ୯୭୭୮୫୪୩୮୯୭



## ଶାରଦୀୟ ସଂଧ୍ୟା

### ମୂଳଲେଖା- ଶ୍ରୀ ମୁରଲୀଧର ପଣ୍ଡା
### ଅନୁବାଦ - ପ୍ର. ଗିରିଜା ଶଂକର ଶର୍ମା



ସଂଧ୍ୟାର ଚା'ପାନ ପରେ
ମୁଁ ଯେତେ ବାହାରକୁ ଯାଏ
ମେଘର ପତଳା ଚଦରଟିଏ
ଝୁଲୁଥାଏ ଆକାଶରେ ।

ପଶ୍ଚିମାକାଶର ସୂର୍ଯ୍ୟ
ଉଂକିମାରେ ଦୂର ଦିଗ୍‌ବଳୟରୁ
ଯଦିଓ ଦେଖାଯାଏ ନାହିଁ
ତାର କିରଣ ବା ଉତ୍ତାପର ବିକିରଣ
ସବୁଆଡ଼େ ଶାନ୍ତ ଓ ଶୀତଳ
ଏବେ ସୂର୍ଯ୍ୟ ଫେରିଯିବ ତା ନୀଡ଼କୁ
ସାରା ଦିନର ଧାଁ ଦଉଡ଼
ଦିନ ତମାମର କ୍ଳାନ୍ତିରେ
ଏବେ ମୁଁ ବିଶ୍ରାମ ନେବାକୁ ଚାହେଁ
କାଲି ସକାଳେ ନବୀନ ସୂର୍ଯ୍ୟ ଆସିବ
ରାତିର ବିରତି ପରେ
କିରଣର ଫଉଜଙ୍କୁ ଧରି
ଦେଖେଇବ ଆଲୁଅର ମହୋତ୍ସବ ।

## ଅପା

### ଡଃ ଜୟସ୍ମିତା ନାୟକ

ଅପାଲୋକ !
ତୋ କଥା ଆଜି କାଇଁ ଭାରି ମନେ ପଡ଼େ ।
ତୁ ବି ମୋତେ କେତେବେଳେ କେମିତି ଖୋଜୁଚୁ କି ?

ତୁ ମୋତେ ଖୋଜୁଚୁ କି-
ସୁଲୁସୁଲୁ ପବନର ଭଂଗା ଭଂଗା ଜୁଆରରେ ?
ଅଭିଆଡ଼ୀ ଫୁଲଙ୍କର ରେଶମୀ କେଶରେ ?
ଲୁହ ଚପା କୋହଚପା ଥମଥମ ଆଖିର ପତାରେ ?
ଅବା ନାନାବାୟା ଗୀତର ଛନ୍ଦରେ ?
ଆଜିକିନ୍ତୁ ତୁ ଭାରି ମନେ ପଡୁ,
ସତରେ ଭାରି ମନେ ପଡୁଚୁ ଲୋ ।
ବହି ମେଲି ଜାଣିଥିଲି ଦୂରର ମଣିଷ
ଶାସ୍ତ୍ର ପଢ଼ି ଜାଣିଥିଲି ପାଖର ମଣିଷ
ଯୁଦ୍ଧ କରି ଜାଣିଥିଲି ସମାଜ ମଣିଷ, ହେଲେ---
ତୋ ପାଖରୁ ଶିଖିଥିଲି ଚିହ୍ନିବାକୁ ନିଜର ମଣିଷ ।
କେମିତି ଭୁଲିବି କହ ସେ ଦିନ ଗୁଡ଼ିକ
ଯେଉଁଦିନ ତୁ ମୋତେ ଶିଖାଉଥିଲୁ
ଯୋଡ଼ିକିଆ ବଣିଙ୍କର ଘରତୋଳା କଥା
ଅଗନା ଅଗନି ବନସ୍ତ ଓ ଚଂପାଫୁଲ, ଆଉ
ଭରାନଈ ମଝିରେ ଉବୁଟୁବୁ ଭଙ୍ଗା ଡଙ୍ଗାରେ କାହାଣୀ
ମୁଁ ମନଭରି ଶୁଣୁଥିଲି... ଖୁବ୍ ଶୁଣୁଥିଲି ।
ଆଜି ଆଉଥରେ କହିବୁନି ???

+ବାଲେଶ୍ୱର



## ସର୍ବ ଶୋଭାମୟୀ

### ମୁକ୍ତିରାଣୀ ଦେବତା



ସୁନୀଳ ଅମ୍ବରେ ତପନ ଶୋହେ,
ଶୁଭ୍ର ବାରିବାହ ଚିତ୍ତକୁ ମୋହେ ।
ହରିତ ବର୍ଣ୍ଣରେ ଅବନୀ ଦିଶେ,
ସୁମନ ସୁରଭି ମଧୁର ବାସେ ।

ବିହଙ୍ଗ କୁଜନ ବିଷାଦ ହରେ,
ପ୍ରାଣବନ୍ତ ସାଜି ଆନନ୍ଦ ଭରେ ।
ସ୍ନିଗ୍ଧ ପ୍ରଭାତର ଅପୂର୍ବ ଆଭା,
ସୁନେଲୀ କିରଣ କି ମନଲୋଭା ।

ସୁଉଚ୍ଚ ଶିଖରୀ ହୃଦୟ ଜିଣେ,
ସୁଷମା ତାହାର ମନକୁ କିଣେ ।
କୋକିଳ ଆଳାପେ ମଧୁର ଗାନ,
ନୈସର୍ଗିକ ଶୋଭା ବିହିର ଦାନ ।

ପ୍ରବାହିତ ହୁଏ ସରସୀ ନୀର,
ସୁମଧୁର ଶୁଭେ ତାହାର ସ୍ୱର ।
ଭ୍ରମର ଆକର୍ଷେ ନଳିନୀ ଦେଖି,
ମକରନ୍ଦ ସ୍ୱାଦ ପାଉଛି ଚାଖି ।

ନବ ପଲ୍ଲବିତ ପାଦପ ଶ୍ରେଣୀ,
ଭାବୁକ ମନକୁ କରୁଛି ଗୁଣି ।
ଅତି ମନୋହର ରୂପ ସମ୍ଭାର,
ଜୀବନର ଅଟେ ସେହି ଆଧାର ।

ମନ୍ଦାରଖଣ୍ଡ, ଯାଜପୁର

## ଭାରତୀୟ ସଂସ୍କୃତିରେ ଶକ୍ତି ଉପାସନା ଓ ମାତୃଶକ୍ତିର କ୍ରମବିକାଶ

### ପଣ୍ଡିତ ଦୈତ୍ୟାରି ମହାପାତ୍ର



'ଶକ୍ତି ଉପାସନା'ର ବୈଶିଷ୍ଟ୍ୟ ସଂପର୍କରେ ଭାରତୀୟ ସଂସ୍କୃତିରେ କୁହାଯାଇଛି- "ଶକ୍ତିହୀନ ଶିବ-ଶବ" । ବାସ୍ତବିକ ଶକ୍ତି ଯୋଗୁଁ ଆଜି ବିଜ୍ଞାନର ଅଗ୍ରଗତି ସମ୍ଭବ ହୋଇଛି । ମାନବ ଗ୍ରହରୁ ଗ୍ରହାନ୍ତରକୁ ଯାତ୍ରା କରିପାରୁଛି । ଦିବ୍ୟଜ୍ଞାନର ଅଧିକାରୀ ମାନବ ଶକ୍ତିକୁ ଆୟତ୍ତ କରିବା ଫଳରେ ସେ ଆଉ ପ୍ରକୃତିର ଅଧୀନ ନହୋଇ ପ୍ରକୃତିକୁ ନିଜ ଅଧିନରେ ରଖିବାର ପ୍ରୟାସୀ ହୋଇଛି । ଆଧାତ୍ମିକ ଜଗତରେ ଏହାର ଘୁରି ଘୁରି ପ୍ରମାଣ ରହିଛି । ଜଗନ୍ନାଥ, ବଳଭଦ୍ର, ପ୍ରଧାନ ଦେବତା ହେଲେ ହେଁ ସେମାନଙ୍କ ମଧ୍ୟସ୍ଥଳରେ ବିରାଜିତା ଶକ୍ତିରୂପା ସୁଭଦ୍ରା । ସୁଭଦ୍ରାଙ୍କର ସାହଚର୍ଯ୍ୟାରେ ବଡ଼ ଠାକୁର ଶକ୍ତିମାନ । ଏଥିପାଇଁ ଶିବ ଅର୍ଦ୍ଧାଙ୍ଗରେ ଶିବାନୀଙ୍କୁ ଧାରଣ କରି ହୋଇଛନ୍ତି 'ଅର୍ଦ୍ଧନାରୀଶ୍ୱର' । ମହାକବି କାଳିଦାସ ଯଥାର୍ଥରେ କହିଛନ୍ତି -

"ବାଗର୍ଥ ବିବ ସମ୍ପକ୍ତୌ ବାଗର୍ଥ ପ୍ରତିପତ୍ତୟେ ।
ଜଗତ ପିତରୌ ବନ୍ଦେ ପାର୍ବତୀ ପରମେଶ୍ୱରୌ" ।

ବାକ୍ ଓ ଅର୍ଥ ପରି ନିତ୍ୟ ସମ୍ପନ୍ନ ଯୁକ୍ତ ହେଉଛନ୍ତି 'ଶିବ-ଶିବାନୀ' । ସେହି 'ଶିବ ଶିବାନୀ'ଙ୍କର ଅଧ୍ୟୁଷିତ ଭୂମି ହେଉଛି ଏହି ପବିତ୍ର ଦେଶ କଳିଙ୍ଗ । ଭଗବାନ ଶିବ ଭୈରବ, ପ୍ରଭୁ ଜଗନ୍ନାଥ ମହାଭୈରବ । ଯୋଗ ଏବଂ ଶିବ ଅଭିନ୍ନ । ତେଣୁ ଶିବ ହେଉଛନ୍ତି ଯୋଗଶ୍ୱେର । ମାତ୍ର ଶ୍ରୀକୃଷ୍ଣ ହେଉଛନ୍ତି ମହାଯୋଗେଶ୍ୱର । ସୁତରାଂ ହରି ଓ ହର ଏକ ତଥା ଅଭିନ୍ନ । ଏ ଭୂମି ତାର ପ୍ରତ୍ୟେକ କ୍ଷେତ୍ରରେ ପ୍ରମାଣ ଦେଇ ଆସିଛି । ତେଣୁ ଦୁର୍ଗାମାଧବ ଉପାସନା ଉତ୍କଳୀୟ ସଂସ୍କୃତିର ନିଜସ୍ୱ ବୈଶିଷ୍ଟ୍ୟ । ଯଥାର୍ଥରେ କବି ବ୍ରଜନାଥ ବଡ଼ଜେନା ତାଙ୍କର ଅମ୍ବିକା ବିଳାସରେ ଲେଖିଛନ୍ତି-

"ଅଚ୍ୟୁତ ଶିବ ଏ ଅଭିନ୍ନ
ଅମ୍ବିକା ରାଧିକା ତେସନ ।
ଅନ୍ତର ଏଥି କିଛି ନାହିଁ
ଅଜ୍ଞାନୀ ଭେଦ କରୁଥାଇ" ।

ସୁତରାଂ ସଂପ୍ରଦାୟ ଅବଜ୍ଞାର ବିଷୟ ନୁହେଁ । ଯେତେ ଗୁରୁ ସେତେ ସଂପ୍ରଦାୟ । ମାତ୍ର ସାଂପ୍ରଦାୟିକତା ଅଜ୍ଞାନତାର କୁଫଳ । ଏହା ହିଁ ମାନବାତ୍ମାକୁ କଳୁଷିତ କରିଦିଏ । ତେଣୁ ଅମୃତର ସନ୍ତାନ ଅମୃତଙ୍କ ସ୍ୱାଦ ଲାଭ କରିପାରେ ନାହିଁ । ତେବେ ଯାହାହେଉ ପୂର୍ବରୁ ଉଲ୍ଲେଖ କରାଯାଇଛି- ଏ ଭୂମି ଶିବ ଶକ୍ତିଙ୍କର ଅଧ୍ୟୁଷିତ ଭୂମି । ଶିବଙ୍କ ନାମରୁ ହିଁ ପବିତ୍ରତାର ମହକ ଝରିଆସେ । ପବିତ୍ର ଭାବରେ ଜୀବନ ଧାରଣ କରିବା ଲାଗି ଏ ଭୂମି ସତେଯେପରି ନିର୍ଦ୍ଦେଶ କରେ । ଓଡ଼ିଶାର ପ୍ରତିଅଞ୍ଚଳରେ, ପ୍ରତି ଗ୍ରାମରେ ଶିବ ଶକ୍ତି ମୂର୍ତ୍ତିର ଅଭାବ ନାହିଁ । ଭଗବାନ ଶିବଙ୍କ ନ୍ୟାୟରେ ଏ ଭୂମିରେ ମଙ୍ଗଳା-ବିମଳା-କମଳା-ହିଙ୍ଗୁଳା-ଚର୍ଚ୍ଚିକା, ବିରଜା-ଭୁବନେଶ୍ୱରୀ-ସମଲେଶ୍ୱରୀ-ତାରିଣୀ-ଧାମରାଇ-କାଳିଜାଇ-ରାମଚଣ୍ଡୀ-ଭଦ୍ରକାଳୀ-ଜାଗୁଳାଇ-ନାରାୟଣୀ-ଭଗବତୀ ପ୍ରମୁଖ ପ୍ରଧାନ ଦେବୀଶକ୍ତି ବିରାଜମାନ କରିଛନ୍ତି । ପ୍ରତ୍ୟେକଙ୍କ ସମ୍ପର୍କରେ ଭୂମି ବିଭିନ୍ନ କାହାଣୀ ଓ କିମ୍ବଦନ୍ତୀ ରହିଛି ।

ଦେବତା ଏଠାରେ ଜୀବନ୍ତ । କଥାରେ ଅଛି-

"ହରିନାମେ କି ରସ ଅଛି,
ପାନକଲା ଲୋକ ସିନା ଜାଣିଛି ।"

ତେଣୁ ଶ୍ରଦ୍ଧା ଓ ବିଶ୍ୱାସ ବଳରେ ଏ ମତ ଓ ତତ୍ତ୍ୱକୁ ଅବଧାରଣ କରାଯାଇପାରେ । ମାତୃଶକ୍ତି ହିଁ ରକ୍ଷାକର୍ତ୍ତା । ମାଆର କୃପାବିନା ପିତା ସହଜ ଲଭ୍ୟ ନୁହଁନ୍ତି । ମାଆ ବିନା ପ୍ରକୃତରେ ସାହା କିଏ କାହିଁ । ମାତୃଶକ୍ତି ହିଁ ଶ୍ରେଷ୍ଠଶକ୍ତି ।

ଯୁଗେ ଯୁଗେ ଭାରତୀୟ ବାଙ୍ମୟରେ ମାତୃଶକ୍ତିର ମହିମା ବିଶେଷ ରୂପେ ଉଦ୍‌ଘୋଷିତ ହୋଇଛି । ଶକ୍ତି ବ୍ୟତିରେକେ ସ୍ୱୟଂ ଶିବ ମଧ ଶବ ହୋଇଯାଆନ୍ତି । ଏଣୁ କୁହାଯାଉଛି- "ଶିବୋଽପି ଶବତାଂ ଯାତି କୁଣ୍ଡଳିନ୍ୟା ବିବର୍ଜିତଃ ।" ଏଠାରେ କୁଣ୍ଡଳିନୀ ଅର୍ଥ ଶକ୍ତି । ଉକ୍ତ କୁଣ୍ଡଳିନୀ ମୂଳାଧାର ଚକ୍ର ବା ରୁଦ୍ର ଦ୍ୱାରରେ ଥାଏ ମା ଯୋଗମାୟା । ଆଦ୍ୟାଶକ୍ତିଙ୍କ ତେଜରେ ଜୀବକୁ ଅନନ୍ତ ଶକ୍ତିର ଉତ୍ସ ମିଳିଥାଏ । ଭଗବାନ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶିବଙ୍କର ଅବତାର ଥିଲେ । ସମଗ୍ର ବିଶ୍ୱକୁ ସୋଽହଂ ଦର୍ଶନରେ ସ୍ତମ୍ଭୀରୂପ କରିଦେଇଥିଲେ । କିନ୍ତୁ ପ୍ରଥମେ ଶିବଙ୍କୁ ମାନୁଥିଲେ । ଶକ୍ତିଙ୍କୁ ସ୍ୱୀକାର କରିନଥିଲେ । ଏକଦା କାଶୀର ମଣିକର୍ଣ୍ଣିକା ଘାଟକୁ ସ୍ନାନାର୍ଥେ ଯାଇଥିଲେ ଶଙ୍କର । ହଠାତ୍ ଶକ୍ତିହୀନ ହୋଇଗଲେ । ଭଗବାନ କୈଳାସପତି ଶିବଙ୍କ ଇଚ୍ଛାରେ ମାତା ଜଗଦମ୍ବା ପାର୍ବତୀ ଏକ ନାରୀ ବେଶରେ ଗଙ୍ଗାତଟରୁ ଜଳ ନେଇ ସେଠାରେ ପହଞ୍ଚିଲେ । ଶଙ୍କରଙ୍କୁ ପ୍ରଶ୍ନ କଲେ, ବତ୍ସ! ତୁମର କ'ଣ ହେଲା ? ଶଙ୍କରାଚାର୍ଯ୍ୟ କହିଲେ- ମା'ଗୋ! ମୁଁ ଶକ୍ତିହୀନ ହୋଇଯାଇଛି । ତତ୍‌କ୍ଷଣାତ ଦେବୀ କହିଲେ- ପୁତ୍ର! ତୁମେ ତ ଶିବଭକ୍ତ ଅଟ । କିନ୍ତୁ କେବେ ଶକ୍ତିସ୍ୱରୂପା ଜନନୀଙ୍କୁ ଜୀବନରେ ସ୍ମରଣ କରନାହିଁ । ଏଣୁ ଶକ୍ତିହୀନ ହେବ ନାହିଁ ତ ଆଉ କ'ଣ ହେବ ? ଏହା କହି ମାତା ପାର୍ବତୀ ଅନ୍ତର୍ହିତା ହୋଇଗଲେ । ଶଙ୍କରାଚାର୍ଯ୍ୟ ତତ୍‌କ୍ଷଣାତ୍ ଚେତନା ଲାଭକରି ଅପୂର୍ବ ଭାବରେ ମାତା ରେବତୀଙ୍କ ମହିମା ପ୍ରସିଦ୍ଧ 'ଭବାନୀଷ୍ଟକ'ରେ ବର୍ଣ୍ଣନା କରି କହିଥିଲେ- 'ନ ତାତୋର୍ନମାତା ନ ବନ୍ଧୁର୍ନଭ୍ରତା ନ ପୁତ୍ରୋନ ପୁତ୍ରୀ ନ ଭୃତ୍ୟର୍ନଭର୍ତ୍ତା' । ନଜାୟତେ ବିଦ୍ୟା ନ ବୃତ୍ତିମମୈବ ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନୀ । ଅର୍ଥାତ୍ ହେ ଜଗନ୍ମାତା! ଏ ଜଗତରେ ମୋର ପିତା, ମାତା, ବନ୍ଧୁ, ଜାତା, ପୁତ୍ର, ପୁତ୍ରୀ, ଭୃତ୍ୟ, ଭର୍ତ୍ତା, ଜାୟା ବିଦ୍ୟା ବା ବୃତ୍ତି ବୋଲି କିଛି ନାହିଁ । ତୁମେ ଏକମାତ୍ର ମୋର ଗତି ମୁକ୍ତ ଦାତ୍ରୀ । ସେହିପରି 'ସୌନ୍ଦର୍ଯ୍ୟ ଲହରୀ'ର ଏକ ଦିବ୍ୟ ଶ୍ଳୋକରେ ନିବେଦନ କରିଥିଲେ-

'ଭବାନୀ ତ୍ୱଂ ଦାସେ ମୟିବିତର ଦୃଷ୍ଟଂସ କରୁଣା
ମିତି ସ୍ତୋତ୍ରଂ ବାଛନ କଥୟତି ଭବାନୀ ତ୍ୱମିତି ୟଃ'
ତଦୈବ ତ୍ୱଂ ତସ୍ମୈ ଦଶସି ନିଜ ସାୟୁଜ୍ୟ ପଦବୀଂ
ମୁକୁନ୍ଦ ବ୍ରହ୍ମୋନ୍ଦ୍ର ସ୍ଫୁଟ ମୁକୁଟ ବିରାଜିତ ପଦାସ ।

ହେ ଜନନୀ! ତୁମେ ତୁମର ଦାସମାନଙ୍କ ପ୍ରତି ସକରୁଣ ଦୃଷ୍ଟି ପ୍ରଦାନକର । ତୁମର ପାଦତଳେ ସେମାନଙ୍କର ମୁକୁଟ ମଣ୍ଡିତ ମସ୍ତକ ଭୁଲୁଣ୍ଠିତ ହୁଏ । ସେମାନେ ସ୍ତୋତ୍ରପାଠ କରି ତୁମକୁ ଭୃତ୍ୟତୁଲ୍ୟ ପ୍ରସନ୍ନ କରାନ୍ତି । ସେମାନଙ୍କୁ ନିଜର ଦୟାର୍ଦ୍ର ଦୃଷ୍ଟି ପ୍ରଦାନ କର ? ଯେଉଁଥିରେ ସେମାନେ ସାୟୁଜ୍ୟ ମୁକ୍ତିଲାଭ କରିପାରିବେ । ବାସ୍ତବିକ ପ୍ରକୃତି ପୁରୁଷଙ୍କର ଅର୍ଦ୍ଧନାରୀଶ୍ୱର ରୂପ ଏ ସମଗ୍ର ଲୋକଙ୍କୁ ପରିଚ୍ଛଳିତ କରୁଛି । ଏଣୁ ଶିବଙ୍କୁ ଅର୍ଦ୍ଧାଙ୍ଗ ଇଶ୍ୱର ଅର୍ଦ୍ଧାଙ୍ଗ ପାର୍ବତୀ ବୋଲି ଅଭିହିତ କରାଯାଏ । ସନ୍ଥ ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମ ଚରିତ ମାନସ ମଙ୍ଗଳା ଚରଣରେ ଅଙ୍କିତ ଚମତ୍କାର ଭାବରେ ଶିବଙ୍କୁ ବନ୍ଦନା କରିବା ପୂର୍ବରୁ ମା' ଭବାନୀଙ୍କୁ ଶ୍ରଦ୍ଧାର ପ୍ରତୀକ ଭାବରେ ବର୍ଣ୍ଣନା କରି କହିଛନ୍ତି-

'ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବିଶ୍ୱାସ ରୂପଣୌ'

ମାତା ହେଉଛନ୍ତି ଶ୍ରଦ୍ଧା ଏବଂ ପିତାରୂପୀ ଶିବ ହେଉଛନ୍ତି ବିଶ୍ୱାସ । ଶ୍ରଦ୍ଧାବିନା ବିଶ୍ୱାସ ସମ୍ଭବ ନୁହେଁ ଏବଂ ଶ୍ରଦ୍ଧା, ବିଶ୍ୱାସର ମିଳନ ନ ହେଲେ ଜୀବର ଶିବପ୍ରାପ୍ତି ଘଟେ ନାହିଁ । ସେହିପରି ମହାକବି କାଳିଦାସ ପ୍ରସିଦ୍ଧ 'ରଘୁବଂଶମ୍' ମହାକାବ୍ୟର ମଙ୍ଗଳା ଚରଣରେ ଶବ୍ଦ ଏବଂ ଅର୍ଥର ମନୋରମ ମିଳନ ପାଇଁ ଜଗତର ମାତାପିତା ପାର୍ବତୀ ପରମେଶ୍ୱରଙ୍କୁ ସ୍ତୁତି କରିଥିଲେ-

'ବାଗର୍ଥ ବିବ ସଂସ୍କୃକ୍ତୌ ବାଗର୍ଥ ପ୍ରତିପତ୍ତୟେ
ଜଗତଃ ପିତରୌ ବନ୍ଦେ ପାର୍ବତୀ ପରମେଶ୍ୱର ।'

ତନ୍ତ୍ର ଶାସ୍ତ୍ରରେ ନାରୀଙ୍କୁ ଶକ୍ତି ପ୍ରଧାନ ରୂପେ ବର୍ଣ୍ଣନା କରାଯାଇ ପରଂବ୍ରହ୍ମ ରୂପେ ବନ୍ଦନା କରାଯାଇଛି । ବେଦ ପୁରୁଷପ୍ରଧାନ ହୋଇଥିବାରୁ 'ପରଂବ୍ରହ୍ମ ପରାପ୍ର ବେଦଭଣେ' ବୋଲି କୁହାଯାଇଛି । ଯେ ପରଂବ୍ରହ୍ମ ତଥା ମାତୃ ଶକ୍ତିର ପ୍ରତୀକ ସେଇ ପୁଣି ପୁରୁଷପ୍ରଧାନ ବା ପରମବ୍ରହ୍ମ ରୂପେ ଲୀଳା ସଂପାଦନା କରିଥାନ୍ତି । ତନ୍ତ୍ର, ତନୁକୁ ତାରଣ କରେ । ତନ୍ତ୍ରକାର ମାନେ କାଳେ କାଳେ ମାତୃଶକ୍ତିର ମହିମ୍ନ ବର୍ଣ୍ଣନାରେ ମୁଖର ହୋଇ ଉଠିଛନ୍ତି । ବିଶ୍ୱପ୍ରସିଦ୍ଧ ଶ୍ରୀ ଜଗନ୍ନାଥ କ୍ଷେତ୍ରରେ ଅଷ୍ଟଚଣ୍ଡୀ କ୍ଷେତ୍ରକୁ ପ୍ରହରୀପରି ଜଗିଥାନ୍ତି । ଶିରୀଷ ଆଜ୍ଞାରେ ଗିରୀଶ ନାହିଁ କ୍ଷେତ୍ରରକ୍ଷକ । ଚଣ୍ଡୀ ରୁଣ୍ଡୀଭୂତ ଖଣ୍ଡିତ କରେ ଭୟ ଯେତେକ ।' ସର୍ବୋପରି ତନ୍ତ୍ର ମତରେ ପ୍ରାଧାନ୍ୟ ସ୍ୱୀକୃତ ମାତା ବିମଳା ଶ୍ରୀକ୍ଷେତ୍ରର ସର୍ବଶ୍ରେଷ୍ଠ ମାଲିକାଣୀ, ଯାହାଙ୍କ ଅନୁମୋଦନ କ୍ରମେ ପ୍ରସାଦ ମହାପ୍ରସାଦରେ ପରିଣତ ହୋଇଥାଏ ।

'ଯାହା ପ୍ରସାଦ ବଶରୁ ମହାପ୍ରସାଦରେ
ପବିତ୍ର ହୁଅଇ ଜଗତ୍ରିୟ ପ୍ରମୋଦରେ ।' (କବିସୂର୍ଯ୍ୟ ବଳଦେବ ରଥ)

ରାଜ୍ୟ ଶିକ୍ଷା ଅଧିକାର ଅଧିକାରୀ
ସଂସ୍କୃତି ସଂଯୋଜକ- ତଥା ମୁଖ୍ୟ ସଂପାଦକ- କଳିଙ୍ଗ ସମାଜ,
ଭୁବନେଶ୍ୱର, ଓଡ଼ିଶା
ମୋ: ୭୬୩୫୪୩୨୦୨

## ଅଶିଣ ଆଶୀଷ

### ଲକ୍ଷ୍ମୀପ୍ରିୟା ପୃଷ୍ଟି



ମଣ୍ଡପେ ଲାଗିଛି ଦେବୀ ଗଢ଼ା ପାଇଁ
କାରିଗର କଳା ହାତ
ମୂରୁଛି ଦେଇଛି ପ୍ରାଣର ପୁଲକ
ଦେଖିବାକୁ ଦେବୀ ମାତ ।

ପଇଁତରା ମାରେ ଅଶିଣ ପବନ
କାଶଫୁଲ ଗାଏ ଗୀତ
ସିଂହ ବାହାନରେ ଆସୁଛନ୍ତି ମାଆ
ନାଶିବାକୁ ଦୁଷ୍ଟ ଦୈତ୍ୟ ।

ଗୋଳିଆ ପାଣିରୁ ହଟିଲାଣି ମାଟି
ପାଣି ଦିଶେ ନିରିମଳ
ଗୁଣୁ ଗୁଣୁ ଗାଇ ମଧୁକର ଯାକ
ଫୁଲ ପାଶେ ଦେଖ ମେଳ ।

ଅଶିଣ ଦେଇଛି ବାରତା ପଠାଇ
ଦଶ'ରା ଦିନ ଆସୁଛି,
ଭୁଲିଯାଇ ଯେତେ ଦୁଃଖର ଅତୀତ
ସୁଖର ଗୀତ ଗାଉଛି ।
ମରତେ ମଣିଷ ମଣୁଥାଏ ଯାକୁ
ପତିତ ଜୀବନିମୟ
କେବେ ବି ସମୟ ଦେଇପାରେ ତାକୁ
ଆଶୀଷର ବରାଭୟ ।

ଦଶରଥପୁର, ଯାଜପୁର,
୭୫୫୦୦୬
ମୋ: ୭୩୭୭୩୧୮୭୮୯

# ଯା ଦେବୀ ସର୍ବଭୂତେଷୁ



## 'ଦୁର୍ଗତୀ ନାଶିନୀଙ୍କୁ ମିନତୀ'

### ସୌଭାଗ୍ୟ ରଂଜନ ମହାନ୍ତି

ପୃଥିବୀରେ ଯେତେବେଳେ ଅନ୍ୟାୟ, ଅନୀତି, ଅସତ୍ୟ, ଅତ୍ୟାଚାର, ଭ୍ରଷ୍ଟାଚାର, ଦୁଷ୍କର୍ମ ଆଦି ଆସୁରିକ ପ୍ରଭାବ ସୀମା ଲଂଘନ କରିଥାଏ, ସେତେବେଳେ ସ୍ୱୟଂ ଭଗବାନ ବିଷ୍ଣୁ ଜଗତ ଉଦ୍ଧାର ପାଇଁ ବିଭିନ୍ନ ରୂପ (ଅବତାର)ରେ ଧରାପୃଷ୍ଠକୁ ଆଗମନ କରିଥାନ୍ତି। ଦୁଷ୍ଟ ସଂହାର ପାଇଁ ବୋଲି ଆମ ପୁରାଣ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଜଗତଜନନୀ ଦୁର୍ଗତୀ ନାଶିନୀ ମା' ଦୁର୍ଗା ଶକ୍ତି ରୂପରେ ଧରାପୃଷ୍ଠକୁ ଆଗମନ କରି ମହିଷାସୁର ଭଳି ରାକ୍ଷାସକୁ ବିନାଶ କରିଥିଲେ, ଆମ ପୁରାଣ ଶାସ୍ତ୍ର କହେ। ଯାହା ଦୁର୍ଗା ପୂଜୋତ୍ସବ ବା ଦଶହରା ନାମରେ ଆମ ଦେଶରେ ପାଳିତ ହୋଇଆସୁଛି। ପୁରାଣ ଶାସ୍ତ୍ର ଅନୁଯାୟୀ ମହିଷାସୁର ଏତେ ଶକ୍ତିଶାଳୀ ଥିଲା ଯେ, ତା'ର ଅତ୍ୟାଚାରରେ ଦେବତା, ମଣିଷ ପେଷି ହୋଇଯାଇଥିଲେ। ସ୍ୱର୍ଗମର୍ତ୍ତ୍ୟ, ପାତାଳ ଥରହର ହୋଇଯାଇଥିଲା। ସେ ପାଇଥିବା ବର ଅନୁଯାୟୀ ମା ଦୁର୍ଗା ହିଁ ତାକୁ ବିନାଶ କରିଥିଲେ। ପୌରାଣିକ ମତବାଦ ଅନୁଯାୟୀ ଆଶ୍ୱିନ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ମା' ଦୁର୍ଗା ମହିଷାସୁରକୁ ବଧ କରିଥିବାରୁ ପ୍ରତିବର୍ଷ ଷଷ୍ଠି ତିଥିରୁ ଧରାପୃଷ୍ଠକୁ ଆଗମନ କରିଥାନ୍ତି। ଦେବୀ ପୀଠ ସହ ପୂଜା ମଣ୍ଡପରେ ମା'ଙ୍କୁ ଆରାଧନା କୁହାଯାଇଥାଏ। ଏଥିପାଇଁ ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇପଡିଥାଏ। ପୂଜା ମଣ୍ଡପଗୁଡିକରେ ମା'ଙ୍କ ମୃଣ୍ମୟ ମୂର୍ତୀ ବିରାଜମାନ କରିଥାନ୍ତି। ପୂଜାମଣ୍ଡପଗୁଡିକରେ ଆକର୍ଷଣୀୟ ସାଜସଜା ସାଙ୍ଗକୁ ଆଲୋକମାଳା ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇଥିବାବେଳେ ଘଂଟ, ଘଂଟି, ମାର୍ଦ୍ଦଳ, ହରିବୋଲ, ହୁଳହୁଳି ଧ୍ୱନୀରେ ସବୁଆଡେ ଉତ୍ସବର ମାହୋଲ ସୃଷ୍ଟି ହୋଇଥାଏ। ତ୍ରେତୟା ଯୁଗରେ ଅନ୍ୟାୟ, ଅତ୍ୟାଚାର, ଅପହରଣର ପ୍ରତୀକ ଥିବା ରାକ୍ଷସ ରାବଣର ଅସୁରୀକ ଶକ୍ତିର ବିଲୋପ ପାଇଁ ରାବଣପୋଡି ଉତ୍ସବ ମଧ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥାଏ। କେବଳ ଏତିକି ବିଜୟ ଦଶମୀ ତିଥିକୁ ଆମ ଶାସ୍ତ୍ରରେ ଅତୀବ ଶୁଭ ଦାୟକ ମନେ କରାଯାଇଥାଏ। ଏହି ଦିନ ଘରେ ଘରେ ମଧ ଅତୀତର ସ୍ମୃତିକୁ ବହନ କରି 'ଦଶହରା' ପର୍ବ ପାଳିତ ହୋଇଥାଏ। ଯେଉଁଦିନ ଘରେ ବ୍ୟବହୃତ ହେଉଥିବା ଲୌହ ନିର୍ମିତ ସାମଗ୍ରୀକୁ ପୂଜା କରାଯାଇଥାଏ। ଏହା ନିଶ୍ଚିତ ଯେ, ଦଶହରା ବା ଦୂର୍ଗାପୂଜା ହେଉଛି ଆମର ଗଣପର୍ବ। ପ୍ରତି ହିନ୍ଦୁ ପରିବାର ପାଇଁ ଦଶହରା ପର୍ବଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି ଏହି ପର୍ବ ହେଉଛି ମୁଖ୍ୟ ମହତ୍ୱ। ଏହି ପର୍ବ ପାଳନ ପାଇଁ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟ, ବ୍ୟବସାୟୀକ ପ୍ରତିଷ୍ଠାନଗୁଡିକ ଛୁଟି ଘୋଷଣା ହୋଇଥାଏ। ବାହାରେ ଥିବା ପରିବାରର ସଦସ୍ୟମାନେ ଘରକୁ ଫେରି ଉତ୍ସବ ମନାଇଥାନ୍ତି। ଏହା ସତ୍ୟ ଯେ, ଯୁଗେ ଯୁଗେ ଆସୁରିକ ଶକ୍ତି ଦ୍ୱାରା ନିରୀହ ଜନସାଧାରଣ, ପ୍ରାଣୀ ଜଗତ ନିର୍ଯ୍ୟାତିତ, ଅତ୍ୟାଚାରି ହୋଇଆସୁଛନ୍ତି। ଏବେ କିନ୍ତୁ ପୁରାଣ ବର୍ଣ୍ଣିତ ମହାପ୍ରତାପୀ ଅସୁର ନାହାଁନ୍ତି ସତ, କିନ୍ତୁ ଅସୁରରୂପୀ ଭ୍ରଷ୍ଟାଚାର, ଅନୀତି, ଦୁର୍ନୀତି, ଅସତ୍ୟ, ଲୋଭ, ହିଂସା, ହତ୍ୟା, ନାରୀଙ୍କ ଉପରେ ଅତ୍ୟାଚାର, ଦୁଷ୍କର୍ମ, କପଟତା, ଠକେଇ, ଯୁଦ୍ଧ ପିପାସୁ, ଆତଙ୍କବାଦ, ଆଦି ଆସୁରିକ ପ୍ରବୃତି ଦିନକୁ ଦିନ ବଢିବାରେ ଲାଗିଛି। ଆହୁରି ମଧ ଆତଙ୍କବାଦୀ, ନକ୍ସଲବାଦୀ, ଉଗ୍ରପନ୍ଥୀ, ସାମାଜ୍ୟବାଦୀଙ୍କ ଆତଙ୍କରେ ଆଦି ସମଗ୍ର ବିଶ୍ୱବାସୀ ଆତଙ୍କିତ। ବୋମା, କ୍ଷେପଣାସ୍ତ୍ର ଗୁଳି ଓ ଧ୍ୱଂସ ସୃଷ୍ଟିକାରୀ ଅସ୍ତ୍ରଶସ୍ତ୍ର ଯୋଗୁଁ ଆଜି ଜନଜୀବନ ଭୀତତ୍ରସ୍ତ। ଏମାନେ ସିନା ଆମ ପୁରାଣରେ ବର୍ଣ୍ଣିତ ସେହି ରାକ୍ଷାସ ନୁହଁନ୍ତି କିନ୍ତୁ ଏମାନଙ୍କର ଆଚରଣ, ଉଚ୍ଚାରଣ, ରାକ୍ଷସ ବା ଆସୁରିକ ପ୍ରବୃତିଠାରୁ କୌଣସି ଗୁଣରେ କମ ନୁହେଁ ଆତଙ୍କବାଦୀ, ମାଓବାଦୀଙ୍କ ରକ୍ତର ହୋରିରେ ବିଶ୍ୱର ବହୁ ରାଷ୍ଟ୍ର କ୍ଷତବିକ୍ଷତ ହୋଇଥିବାବେଳେ ଦୁଇ ଦୁଇଟି ବିଶ୍ୱ ଯୁଦ୍ଧ ଏବଂ ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଯୁଦ୍ଧରେ ଲକ୍ଷଲକ୍ଷ ନିରୀହ ଲୋକଙ୍କ ଜୀବନ ଅକାଳରେ ଯାଉଛି। ଏବେ ଋଷ-ୟୁକ୍ରେନ ଯୁଦ୍ଧ ଅଢେଇ ବର୍ଷରୁ ଅଧିକ ସମୟ ଧରି ଲାଗି ରହିଥିବାବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହମାସ, ଇରାନ-ଇସ୍ରାଏଲ, ଲେବାନନ-ଇସ୍ରାଏଲ ମଧ୍ୟରେ ଯୁଦ୍ଧର ବିଭିଶିକା କେବଳ ସମ୍ପୃକ୍ତ ଅଂଚଳରେ ଧ୍ୱଂସର ତାଣ୍ଡବ ସୃଷ୍ଟି କରିନାହିଁ, ତୃତୀୟ ବିଶ୍ୱଯୁଦ୍ଧକୁ ଆମନ୍ତ୍ରଣ କରୁଛି ବୋଲି କୁହାଯାଇପାରେ। ପୂର୍ବେ ବା ପୁରୁଷ କଳାରେ ଅସୁରଙ୍କ ପ୍ରକୋପରେ ସାରା ବିଶ୍ୱ ଥରହର ହୋଇ ଉଠିଥିବା କୁହାଯାଇଥିବା ବେଳେ ଏହି ଆସୁରିକ ଶକ୍ତିମାନଙ୍କର ପ୍ରକୋପରେ ବିଶ୍ୱାସୀ ମଧ ଆତଙ୍କିତ। ଆହୁରି ମଧ ଆସୁରିକ ଶକ୍ତିଗୁଡିକର ଯୁଦ୍ଧର ବିଭିଷିକା ଯୋଗୁଁ ସାରା ବିଶ୍ୱ ଖାଦ୍ୟାଭାବ, ଦରଦାମ ବୃଦ୍ଧି ଠାରୁ ଆରମ୍ଭ କରି ଜଳବାୟୁ ପରିବର୍ତନ ଯୋଗୁଁ ଜନଜୀବନ ଏବେ ଆତଙ୍କିତ। କ୍ଷୁଧା, ରୋଗ, ପ୍ରାକୃତିକ ବପିର୍ଯ୍ୟାୟ ବଢିଚାଲିଛି। ସେହିପରି ଆଜିର ସମାଜରେ ମହିଳା ଅସୁରକ୍ଷିତ ହୋଇପଡିଛି। ବଳାତ୍କାର ଓ ଘରୋଇ ହିଂସା ବଢିଚାଲିଛି। ପୁରାଣରେ ମା' ଜଗତଜନନୀ ଦୁର୍ଗା ଆସୁରିକ ଶକ୍ତିକୁ ବିନାଶ କରି ଧରାପୃଷ୍ଠରେ ଶାନ୍ତି ପ୍ରତିଷ୍ଠା କରିଥିଲେ। ମା' ହେଉଛନ୍ତି, ଜନ୍ମଦାତ୍ରୀ(ସୃଷ୍ଟିକର୍ତା), ପାଳନକର୍ତା ଏବଂ ବିନାଶକାରୀ। ଅଷ୍ଟଭୂଜା ମା' ଦୁର୍ଗା ତାଙ୍କର ଆଠଟି ହାତରେ ୮ଟି ଅସ୍ତ୍ରଧାରଣ କରିଛନ୍ତି। ଯାହା ଆଠଟି ଗୁଣର ପ୍ରତୀକ। ମା'ଙ୍କର ପଥମ ହସ୍ତ ଅଭୟ, ଆର୍ଶୀବାଦ ପ୍ରଦାନ କରୁଛି, ବିବ୍ରତ ହୁଅ ନାହିଁ, ଯାହା ସଂକେତ ପ୍ରଦାନ କରେ। ଆଉ ଗୋଟିଏ ହାତରେ 'ପଦ୍ମ', ଯାହା ଶାନ୍ତି , ଆନନ୍ଦ ଉଲ୍ଲାସର ପ୍ରତୀକ। ଅନ୍ୟ ହାତରେ ଶଙ୍ଖ, ଯାହା ଜ୍ଞାନର ଭଣ୍ଡାର। ସେହିପରି ତ୍ରିଶୂଳ ହସ୍ତ ସତ, ରଜ, ତମର ପ୍ରତୀକ ହୋଇଥିବାବେଳେ ଧନୁ, ତୀର, ଖଣ୍ଡ ହେଉଛି ନିର୍ଭୟାର ପ୍ରତୀକ। ଯାହା ଏକାଗ୍ରତା, ଧ୍ୟାନର ସନ୍ଦେଶ ଦିଏ। ସେ ହେଉଛନ୍ତି କାଳୀ, କାତ୍ୟାୟନୀ, ମଙ୍ଗଳ, ଯିଏ ପାପୀଙ୍କ ବିନାଶକାରୀ। ସେ ହେଉଛନ୍ତି ଶକ୍ତିର ପ୍ରତୀକ। ଆଜି ଆସୁରିକ ଶକ୍ତିର ପ୍ରଭାବରେ ସମଗ୍ର ବିଶ୍ୱ ଥରହର। ଦୀନଜୀବନ ବିପଦଗ୍ରସ୍ତ। ଏଭଳି ଆସୁରିକ ଶକ୍ତିର ବିନାଶ ପାଇଁ ମା' ଧରାପୃଷ୍ଠକୁ ଓହ୍ଲାଇ ଆସିଛନ୍ତି। ପୂଣ୍ୟଭୂମି ଭାରତ ବର୍ଷ ଆଜି ଉତ୍ସବ ମୁଖରିତ। ପୁରପଲ୍ଲୀ ଆଦି ଚଳଚଂଚଳ। ଆସୁରିକ ଶକ୍ତି ଉପରେ ଦୈବୀ ଶକ୍ତିର ବିଜୟର ପ୍ରତୀକ, ବାର୍ତାବହ ମା' ଦୁର୍ଗାଙ୍କ ପାଇଁ ଦେବୀପୀଠ ଠାରୁ ପୂଜାମଣ୍ଡପ ସବୁକିଛି ଉତ୍ସବରତ। ମା' ଜଗତଜନନୀ ଦୁର୍ଗା ଧରାପୃଷ୍ଠରୁ ଆସୁରିକ ଶକ୍ତି ବିଲୋପ ଘଟାଇ ବିଶ୍ୱରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦିଅନ୍ତୁ। ସମସ୍ତ ସୁଖ, ଶାନ୍ତି ଭରିଦିଅନ୍ତୁ, ଏହା ହିଁ ମା' ଦୁର୍ଗତିନାଶିନୀଙ୍କୁ ଆମର ମିନତୀ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯

## ମାଆଙ୍କ ଆଗମନୀରେ

### ତେଜସ୍ୱିନୀ ପଣ୍ଡା



ମଥା ଉପରେ ବିସ୍ତୀର୍ଣ୍ଣ ଗଗନ,
ଗଗନରେ ଧଳାବାଦଲର ମେଳ,
ସ୍ନିଗ୍ଧ ଶୀତଳ ଆଶ୍ୱିନର ରୂପ ସମ୍ଭାର,
ଧରଣୀରାଣୀର ସାଜସଜ୍ଜା ଦେଖି
ମାଆ ଆସୁଛନ୍ତି ଆସନ୍ତା ଆଶ୍ୱିନରେ।

କବି ଲେଖେ ମାଆ
ଆସନ୍ତି ନଈପଠାରେ,
ମାଆ ଆସନ୍ତି କାଶତଣ୍ଡୀରେ,
ମାଆ ଆସନ୍ତି ପୁରପଲ୍ଲୀ ଓ ସହର
ବଜାରର ମେଢ଼ରେ,
ଆଉ ଦେଖା ଦିଅନ୍ତି ପୁଷ୍ପସଜ୍ଜିତ ଦେବୀ
ପ୍ରତିମାରେ,
ଏଇ ଅପୂର୍ବ ଉନ୍ମାଦନା ଭରି
ମାଆ ଆସୁଛନ୍ତି ଆସନ୍ତା ଆଶ୍ୱିନରେ।

ଚିତ୍ରକରର ରଙ୍ଗତୂଳୀରେ ଦିଶେ
ଦେବୀଙ୍କ ସଜଳ ଆଖି, ମୁରୁକି
ହସୁଥିବା ଓଠ
ଆଉ ଭକ୍ତଙ୍କ ପ୍ରତି ଥିବା
ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବ,

ମାଆଙ୍କ ପ୍ରାଙ୍ଗଣରୁ ଛୁଟିଆସେ
ଆଶୀର୍ବାଦର ସୁଗନ୍ଧ,
ଚତୁର୍ଦ୍ଦିଗେ ଖାଲି ମାଆ ମାଆ ବାସେ,
ଦେବୀଙ୍କ ପ୍ରତିମା ଦିଶେ ଝାପସା ଝୁଣା
ଧୂଆଁରେ,
ମାଆ ଆସୁଛନ୍ତି ଆସନ୍ତା ଆଶ୍ୱିନରେ।

ଏଇ ଅବାସ୍ତବ ଜୀବନ ବୀଣାରେ,
ମାଆଙ୍କ ଆବାହନୀ
ହୁଏ ପଞ୍ଚମରାଗର ଧ୍ୱନିରେ,
ସଦା ବାସ୍ନାୟିତ ସଞ୍ଜ ସଳିତାରେ,
ମାଆ ଆସୁଛନ୍ତି ଆସନ୍ତା ଆଶ୍ୱିନରେ।

ଜଗତସିଂହପୁର



## ନାଶନ୍ତି ଅରାତି ମାଆ କାଳରାତ୍ରି

### ନୂତନ କୁମାର ବେହେରା

(ରାଗ -- ରାମକେରୀ)
ସୁନ୍ଦର ସୃଷ୍ଟିର ପ୍ରକୃତି ଯାଏ ଯେବେ ବିଗିଡ଼ି
ସୁଖ ଶାନ୍ତି ଆନନ୍ଦ ଯେତେ ଯାଆନ୍ତି ମୁହଁ ମୋଡ଼ି।
ଆତଙ୍କ ଆସେ ମାଡ଼ି ମାଡ଼ି ଜଗତେ ପଡ଼େ ହୁରି
ସୁରକ୍ଷା ପାଇଁ ନରନାରୀ କରନ୍ତି ଯେ ଗୁହାରି।

ବିନୟେ ଭକ୍ତିଭରା ହୃଦେ ଡ଼ାକିଥାନ୍ତି ମାଆକୁ,
ଜଗତଜନନୀ ମା' ଦୁର୍ଗା ଆସନ୍ତି ଏ ଧରାକୁ।
ଜଗତର ସୁରକ୍ଷା ଲାଗି ଘୁଞ୍ଚାଇଥାନ୍ତି ବିଘ୍ନ
ଯୋଗମାୟା ଆସନ୍ତି ଯୋଗ ତାଙ୍କର କରି ଭଗ୍ନ।

ମା' ନବଦୁର୍ଗା ନବରାତ୍ରେ ହୋଇଥାନ୍ତି ନ' ବେଶ,
ସପ୍ତମ ଦିନେ କାଳରାତ୍ରି ରୂପେ ତାଙ୍କ ପ୍ରକାଶ।
ଅନ୍ଧାର ପରି ଘନ କଳା ଭୟଙ୍କର ସେ ରୂପ,
ସଂହାରି ଦୁଷ୍ଟ ଅରାତିକୁ ଦୂରାନ୍ତି ସେ ତ୍ରିତାପ।

ମା' ଦୁର୍ଗା ଏ ବେଶେ ଭୈରବୀ ସେ ଚଣ୍ଡି ମହାକାଳୀ,
ସଂସାରୁ ଦୁଃଖ କ୍ଲେଶ ନାଶି ରଖନ୍ତି ଯେ ସମ୍ଭାଳି।
ଭୟଙ୍କର ରୂପରେ ବି ମା' ହୁଅନ୍ତି ଶୁଭଙ୍କରୀ,
ହଟାଇ ଦିଅନ୍ତି ଅଶୁଭ ତାଙ୍କ ଶକ୍ତି ବିସ୍ତାରି।

ମାତା ସ୍ୱଇଚ୍ଛାରେ ଧାରଣ କରିଥାନ୍ତି ଏ ବେଶ,
ନିୟନ୍ତ୍ରଣ କରି ଦୁଷ୍ଟଙ୍କୁ କରନ୍ତି ତାଙ୍କ ବଶ।
ଆଣିବାକୁ ମର୍ତ୍ତ୍ୟରେ ଶାନ୍ତି ଦିଅନ୍ତି ସେ ଆହ୍ୱାନ,
ଅଜ୍ଞାନ ଅଧମ ଜନଙ୍କୁ କରନ୍ତି ସଚେତନ।
କ୍ରୋଧାନ୍ୱିତେ ସେ କାଳରାତ୍ରି ଦେଖାନ୍ତି ଦିବ୍ୟ ଶକ୍ତି,
ଆପଦ ବିପଦରୁ ଭକ୍ତ ମୁକୁଳେ କରି ଭକ୍ତି।

ଏ ରୂପେ ଦେବୀ ଉନ୍ମିଳିତ କରିଥାନ୍ତି ତ୍ରିନେତ୍ର,
ତାଙ୍କ କରୁଣା ପ୍ରଦାନରେ ଧରା ହୁଏ ପବିତ୍ର।
ମୁଖ ନୟନରୁ କରନ୍ତି ସେ ଅଗ୍ନି ଉଦ୍ଗୀରଣ
ସଂହାରି ପାପୀଙ୍କୁ ଜଗତେ ଆଣନ୍ତି ଜାଗରଣ।

ବିଶ୍ୱ ବ୍ରହ୍ମାଣ୍ଡେ ଯେତେ ଶକ୍ତି ହୁଅନ୍ତି ଯେ ପରାସ୍ତ,
ମହା ମହା ଶକ୍ତିଧରଙ୍କୁ କରନ୍ତି ସେ ସମାପ୍ତ।
ଦେବୀ ଚତୁର୍ଭୁଜା ହୁଅନ୍ତି କାଳରାତ୍ରି ରୂପେ ଯେ,
ଧରିଥାନ୍ତି ଲୌହ ଖଡଗ୍ ତାଙ୍କର ସେ ଶ୍ରୀଭୁଜେ।

ମାତା ଆରୂଢା ହୋଇଥାନ୍ତି ଗଧ ପୃଷ୍ଠ ଉପରେ,
ସେ ପ୍ରତିହିଂସା ପରାୟଣୀ ରୁଦ୍ରୀ କାଳୀ ରୂପରେ।
ଦେବୀ ମା' ଦୁର୍ଗତନାଶିନୀ ସେ କଲ୍ୟାଣକାରିଣୀ,
ଅଭୟ ନିର୍ଭୟ ପାଆନ୍ତି ଜଗତେ ଯେତେ ପ୍ରାଣୀ।

ଶ୍ରଦ୍ଧା ଭକ୍ତିରେ ଦେବ ନର ପୂଜିଥାନ୍ତି ସକଳେ,
ଆଶିଷେ ତାଙ୍କର ରୁହନ୍ତି ନରନାରୀ ମଙ୍ଗଳେ।
ମାଆ କାଳରାତ୍ରିଙ୍କୁ କରୁ କୋଟିଏ ଦଣ୍ଡବତ,
ଅଭୟ ନିର୍ଭୟ କରି ସେ ରଖନ୍ତୁ ଏ ଜଗତ।

କୋହି,ବାରିପଦା,ମୟୂରଭଞ୍ଜ
ମୋ: ୮୦୧୮୩୫୩୩୨୨



## ପରଦାରେ ମା'

### ଅଭୟ କୁମାର ଦାସ

ନାରୀ ସୃଷ୍ଟି ସର୍ଜନା କରିପାରେ, ନାରୀ ବିନାଶ ବି କରିପାରେ। ସେଥିପାଇଁ କୁହାଯାଏ ସର୍ଜନା ପାଇଁ ସମର୍ପିତ.......। ତେଲଲୁଣର ସଂସାର ଭିତରେ ସବୁ ସହି ସମସ୍ତଙ୍କ ପ୍ରତି ନିଜ ଦାୟିତ୍ୱ ନିର୍ବାହ କରୁଥିବା ସେହି ମା'ଆଟି ନିଜ ଦାୟିତ୍ୱବୋଧ ଓ ଦୁଷ୍ଟ ଶକ୍ତିଙ୍କ ପାଇଁ ବିନାଶକାରୀ ଭାବରେ ସେ ତା'ର ଭୂମିକାକୁ ନିର୍ବାହ ପାଇଁ ଭୁଲିନଥାଏ। ନାରୀ କୈନ୍ଦ୍ରିକ ସିନେମା ଭିତରେ ମା'ଆଙ୍କ ଭୂମିକାକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ।

ବ୍ରାହ୍ମଣ କୂଳରେ ଜନ୍ମ ହୋଇଥିବା ଝିଅଟିର ନାଁ ଥିଲା ସତୀ । ଜନୈକ ବ୍ରାହ୍ମଣ ନନାଙ୍କୁ ଭଲ ପାଇଥିଲେ ବି ବାପାଙ୍କ ପ୍ରସ୍ତାବରେ ଦୋବେଇ ବରକୁ ବିବାହ କରନ୍ତି । ବିବାହ ପରେ ନିଜ ପୁରୁଣା ସ୍ମୃତିକୁ ଭୁଲି ସାରିଥିଲେ ବି ଏକ କାଳ ଝଡ଼ରାତ୍ରିରେ ସ୍ୱାମୀଙ୍କ ଠାରୁ ଅଲଗା ହୋଇ ନିଜ ରାସ୍ତାର ଠିକଣା ଖୋଜି ବୁଲୁଥିଲାବେଳେ ଦେଖା ହୁଅନ୍ତି ନିଜର ପୂର୍ବତନ ପ୍ରେମିକ ନାଥ ନନା ସହ । ଗାଁକୁ ଫେରିବା ପରେ ବ୍ରାହ୍ମଣ ଝିଅ ସତୀର ଚରିତ୍ରକୁ ନେଇ ନାନା କଥା ଉଠେ । ଶେଷରେ ଲୋକକଥାକୁ ସହି ନପାରି ନଦୀ ଗର୍ଭର ଜଳରାଶିରେ ଝାସ ଦିଏ । ୧୯୬୩ ମସିହାରେ ଏହି କାହାଣୀକୁ ନେଇ ତିଆରି ହୋଇଥିଲା ଚଳଚ୍ଚିତ୍ର 'ମଲା ଜହ୍ନ' । ସତୀ ଭୂମିକାରେ ଚଳଚ୍ଚିତ୍ରର ନାୟିକା ଭାବରେ ଝରଣା ଦାସଙ୍କ ଭୂମିକା ବର୍ତ୍ତମାନ ସୁଦ୍ଧା ଦର୍ଶକଙ୍କ ସ୍ମୃତିରେ ରହିଛି।

ପତିବ୍ରତା ନାରୀ ସାମ୍ନାରେ ସ୍ୱୟଂ ଯମରାଜ ମଥାନତ କରିଛନ୍ତି । ୧୯୮୩ରେ ଝରଣା ଦାସଙ୍କ ଚମତ୍କାର ଅଭିନୟରେ ଚଳଚ୍ଚିତ୍ର ଥିଲା 'ମହାସତୀ ସାବିତ୍ରୀ' । ଇନ୍ଦୁ ଫିଲ୍ମ ବ୍ୟାନରରେ ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ଏହି ଚଳଚ୍ଚିତ୍ରଟି ପୌରାଣିକ କାହାଣୀରେ ନାରୀ ଚରିତ୍ରକୁ ଗୁରୁତ୍ୱ ଦେଇ ଦର୍ଶକଙ୍କ ଲୋକପ୍ରିୟତା ହାସଲ କରି ପାରିଥିଲା । ୧୯୭୮ରେ ପଦ୍ମପୁରାଣର ସ୍ୱର୍ଗଖଣ୍ଡର କାହାଣୀକୁ ନେଇ ନିର୍ମିତ ହୋଇଥିଲା 'ସତୀ ଅନୁସୟା'। ପୁରାଣର କାହାଣୀ ଅନୁଯାୟୀ ସତୀ ଅନୁସୟା ପତି ଭକ୍ତିର ପରୀକ୍ଷା ଦେଇଥିଲେ। ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହା ଅତ୍ୟନ୍ତ ଲୋକପ୍ରିୟର ମାନ୍ୟତା ପାଇଥିଲା । ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନା ଓ ବାସୁଦେବ ରଥଙ୍କ ସଙ୍ଗୀତ ସଂଯୋଜନାରେ ମା'ଦୁର୍ଗାଙ୍କ ପୃଥିବୀ ପୃଷ୍ଠରେ ଶାନ୍ତି ପ୍ରତିଷ୍ଠାର କାହାଣୀକୁ ନେଇ ଲୋକପ୍ରିୟ ଚଳଚ୍ଚିତ୍ରଟି ଥିଲା 'ଜୟମା' ମଙ୍ଗଳା' । କେବଳ ସେତିକି ନୁହେଁ ପାପୀମାନଙ୍କର ବିନାଶ ପାଇଁ ସଂହାର ରୂପରେ ଭିନ୍ନ ଭୂମିକାରେ ଦାୟିତ୍ୱ ନିର୍ବାହ କରି ସନ୍ତାନର ମା'ଆ ପ୍ରତି କର୍ତ୍ତବ୍ୟର କାହାଣୀକୁ ନେଇ ରୂପାୟିତ ହୋଇଥିବା ଚଳଚ୍ଚିତ୍ରଟି ଥିଲା 'ମମତାର ଡୋରି' । ଦୁର୍ଗା ରୂପରେ ତନ୍ଦ୍ରାରାୟଙ୍କ ଭୂମିକା ଏଯାବତ୍ ଦର୍ଶକଙ୍କ ସ୍ମୃତିରେ ରହିଛି । ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶନାରେ



ଲୋକପ୍ରିୟ ଅଭିନେତ୍ରୀ ମହାଶ୍ୱେତା ରାୟ ଦୁର୍ଗା ରୂପରେ ରୂପାୟିତ ହୋଇ ପରିବାରକୁ ରକ୍ଷା କରିବା ପାଇଁ ନିଜର ମହନୀୟତାକୁ ପ୍ରତିପାଦିତ କରିପାରିଥିଲେ। ଏହି ଚଳଚ୍ଚିତ୍ରଟି ବେଶ୍ ଲୋକପ୍ରିୟତା ହାସଲ କରିପାରିଥିଲା । ସେହିପରି 'ନାଗପଞ୍ଚମୀ' ଚଳଚ୍ଚିତ୍ରରେ ମା'ନାଗ ଦେବୀଙ୍କ ଭୂମିକାରେ ଭଉଣୀଟି ମୃତ୍ୟୁବରଣ କରିଥିଲେ ବି ଭଉଣୀର ଝିଅଟି ବଞ୍ଚି ପରବର୍ତ୍ତୀ ସମୟରେ ମା'ଆଙ୍କ ଆଶୀର୍ବାଦ ପ୍ରାପ୍ତ କରି ଅନ୍ୟାୟ ବିରୋଦ୍ଧରେ ଲଢ଼ି ବିଜୟୀ ହୋଇଛି । ଟୁଲୁବୁଲି ଗାଁ ଝିଅ ସୀତା ସଂସାରର ଡଙ୍ଗା ବାହିଲା ଭିତରେ ଖଳନାୟକର ଷଡ଼ଯନ୍ତ୍ରରେ ସ୍ୱାମୀକୁ ହରାଇଥାଏ । ଅପରାଜିତାଙ୍କ ଲିଡ୍ ରୋଲ୍‌ରେ ତିଆରି ହୋଇଥିବା ଏହି 'ଉଦଣ୍ଡୀ ସୀତା' ଚଳଚ୍ଚିତ୍ରଟି ବେଶ୍ ପ୍ରଶଂସା ପାଇପାରିଥିଲା। ଏକଦା ପ୍ରବଳ ଭିଡ଼ ହେଉଥିବା କେନ୍ଦ୍ରାପଡ଼ା ସନ୍ନିକଟ 'ମା ଗୋଜବାୟାଣୀ'ଙ୍କ ଅପୂର୍ବ ଲୀଳାକୁ ନେଇ ଭକ୍ତି ଭାବନାରେ ତିଆରି ହୋଇଥିବା ଚଳଚ୍ଚିତ୍ରଟି ଥିଲା 'ମା ଗୋଜବାୟାଣୀ' । ଲୋକପ୍ରିୟ ଅଭିନେତ୍ରୀ ଅନୁ ଚୌଧୁରୀ ବ୍ରାହ୍ମଣ ଘରର ଝିଅ ଭୂମିକାରେ ନିଜ ପ୍ରଥମ ଚଳଚ୍ଚିତ୍ର ହୋଇଥିଲେ ବି ବେଶ୍ ପ୍ରଭାବଶାଳୀ ଭୂମିକାରେ ପରଦାକୁ ଆସିଥିଲେ । ବଙ୍ଗୀୟ ଅଭିନେତ୍ରୀ ରଚନା ବାନାର୍ଜୀଙ୍କ 'ନାରୀ ବି ପିନ୍ଧିପାରେ ରକ୍ତସିନ୍ଦୂର' ଚଳଚ୍ଚିତ୍ରରେ ମା'ଙ୍କ ଶ୍ରେଷ୍ଠତା ଓ ଭକ୍ତଜନଙ୍କୁ ଆଶୀର୍ବାଦର କାହାଣୀ ଦେଖିବାକୁ ମିଳିଛି । ବଙ୍ଗୀୟ ନାୟିକା ଅନୁଶ୍ରୀଙ୍କୁ ନେଇ ଚଳଚ୍ଚିତ୍ର 'ସିଂହବାହିନୀ'ରେ ନାରୀର ଭିନ୍ନ ଭିନ୍ନ ରୂପ ପ୍ରତିପାଦିତ ହୋଇଛି । ଘରର ଚାରିକାନ୍ଥର କାହାଣୀ ଭିତରେ ସାଧାରଣ ଜୀବନକୁ ନେଇ ପ୍ରଭାବଶାଳୀ ଭୂମିକାରେ ରଚନା ବାନାର୍ଜୀଙ୍କ ଅଭିନୀତ 'ନାରୀ ନୁହେଁ ତୁ ନାରାୟଣୀ' ଦର୍ଶକଙ୍କ ଭିତରେ ଶିହରଣ ସୃଷ୍ଟି କରିପାରିଥିଲା । ପରବର୍ତ୍ତୀ ସମୟରେ ଏହିପରି ନାରୀ ମନର ପ୍ରତିଶୋଧାତ୍ମକ ନିଆଁର କାହାଣୀ ପ୍ରତିପାଦିତ ହୋଇଥିଲା । 'ନାରୀ ଆଖିରେ ନିଆଁ' ଚଳଚ୍ଚିତ୍ରରେ । ନାରୀ ଜୀବନର ସଂଘର୍ଷମୟ କାହାଣୀକୁ ନେଇ ବିଜୟ ମିଶ୍ରଙ୍କ ପ୍ରଯୋଜନାରେ ବଲିଉଡ଼ର ଦିପ୍ତୀ ନାଭାଲଙ୍କ ଅଭିନୀତ 'ଏଇ ସଂଘର୍ଷ' ଚଳଚ୍ଚିତ୍ର ଦର୍ଶକଙ୍କୁ ସିନେମା ହଲ୍‌କୁ ଟାଣି ପାରିଥିଲା । ଏହାବ୍ୟତୀତ ନାରୀ ଭୂମିକାକୁ ପ୍ରାଧାନ୍ୟ ଦିଆଯାଇ ଜଗଜ୍ଜନନୀ ମା'ଦୁର୍ଗାଙ୍କ ସ୍ୱରୂପର ଭିନ୍ନ କାହାଣୀକୁ ନେଇ ଦେଖିବାକୁ ମିଳିଥିବା ଚଳଚ୍ଚିତ୍ର ଗୁଡ଼ିକ ଥିଲା 'ବଧୂ ନିରୁପମା', 'ମାତୃଶକ୍ତି', 'ଲାଲପାନ ବିବି', 'ଶାସ୍ତି' ଓ 'ଦେ ମା ଶକ୍ତି ଦେ' ପ୍ରମୁଖ । ପରଦାରେ ନାରୀ ଶକ୍ତି ସର୍ବୋପରି ନାରୀର ଅଧିକାର ସମ୍ପର୍କିତ କାହାଣୀ ଜନମାନସରେ ଦର୍ଶକଙ୍କ ଚିନ୍ତା ଚେତନାକୁ ପ୍ରଭାବିତ କରିବାରେ ସମର୍ଥ ହୋଇଛି ।

ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭

## ଦଶଭୁଜା

### ସୁନନ୍ଦା ମହାନ୍ତି



ପ୍ରଥମେ ମାଆ ଶୈଳପୁତ୍ରୀ
ସପ୍ତମରେ କାଳରାତ୍ରୀ
ଅଷ୍ଟମେ ମାଆ ସିଦ୍ଧିଦାତ୍ରୀ
ଦ୍ୱିତୀୟରେ ବ୍ରହ୍ମଚାରିଣୀ
ଷଷ୍ଠୀରେ ନାମ କାତ୍ୟାୟିନୀ
ତୃତୀୟ ଦିନେ ଚନ୍ଦ୍ରଘଣ୍ଟା
ଚତୁର୍ଥ ଦିନେ ମାଆ କୁଷ୍ମଣ୍ଡା
ପଞ୍ଚମଦିନରେ ସ୍କନ୍ଦମାତା
ନବମେ ମହାଗୌରୀ ମାତା
ବିଜୟାଦଶମୀ ଦିନ ଦୁର୍ଗାମାତା
ତୁହି ମା ବାଲା ତ୍ରିପୁରା ସୁନ୍ଦରୀ
ଗାୟତ୍ରୀ ଅନ୍ନପୂର୍ଣ୍ଣା ଲଳିତସୁନ୍ଦରୀ
ଶ୍ରୀରାମଚଣ୍ଡୀ ଶ୍ରୀମହାଚଣ୍ଡୀ
ଲକ୍ଷ୍ମୀ ସରସ୍ୱତୀ ଶ୍ରୀରାଜରାଜେଶ୍ୱରୀ
ମହିଷାମର୍ଦ୍ଦିନୀ ଦେବୀ ପ୍ରଣାମେ ପୂଜାରୀ
ରକ୍ଷାକର୍ତ୍ତୀ ସିଂହାରୀ ଧରାଧାମ
ସୁନ୍ଦର ଭାରି
କାଶତଣ୍ଡୀ ହଲି ଝୁଲି ଉଠେ ଫୁଲି
ମାଆ ଧରାଧାମେ ଆସିଛି ବୋଲି

ସାକ୍ଷୀଗୋପାଳ
ପୁରୀ
ମୋ: ୯୦୪୦୯୭୭୩୨୭

## ଦେବୀ

### ଅଳକା ରାୟ



ଏଥର ଦଶହରାରେ ମନସ୍ଥ କରିଛି !
ରଖିବିନି, ବିଶର୍ଜିତ ଦେବୀଙ୍କ ପକ୍ଷ
ଗାଇବିନି, ରାବଣ ଏକ ଦୁଷ୍ଟରିତ୍ର
ବଳି, ଦେବିନି ମେଣ୍ଢା ଛାଗଳ
କି ମହିଷମାନଙ୍କ ମୁଣ୍ଡ !
ଏଠି ତ ନାରୀ ରକ୍ତ ଖୁବ୍ ଶସ୍ତା
ସେଇ ରକ୍ତରେ ରକ୍ତରଂଜିତ ହେଇଯା
ମା'.....

ଏଥର ଦଶହରାରେ ମନସ୍ଥ କରିଛି !
ଜାଳିବିନି, ରାବଣର କୁଶପୁତଳିକା
ଜୀବିନାହିଁ, ନାଚିବାକୁ ଦାଣ୍ଡିଆ କି ଗର୍ବା
କିଛି 'ମେ' ଙ୍କ ସହ ମିଶି
ଖେଳିବିନାହିଁ, ସିନ୍ଦୁର ଦାନ
ଏଠି ତ ନାରୀ ରକ୍ତ ଖୁବ୍ ଶସ୍ତା
ଫଗୁ ନୁହେଁ
ସେଇ ଲାଲ୍ ଲାଲ୍ ରକ୍ତରେ ହୋରି ଖେଳ୍
ବିସର୍ଜନ ରେ ମା'......

ଏଥର ଦଶହରାରେ ମନସ୍ଥ କରିଛି !
ପିନ୍ଧିବି ନାହିଁ ନାଲି ପାଟଶାଢୀ ମା'
ନାଇବି ନାହିଁ ଝୁମୁକା କି ନୋଥ ମା'
କୌଣସି ଦେବୀପୀଠ ଅବା ମଣ୍ଡପ ରେ
ମାଗିବି ନାହିଁ ସୁଖର ସୌଦାଗରି ସ୍ୱପ୍ନ,
ମୁକ୍ତି ଅବା ପୁଣ୍ୟମୟ ସ୍ୱର୍ଗଯାତ୍ରା ମା'
ଦେଇ ପାରିବୁ ଯଦି !!
ଦେ ଶାନ୍ତି ଦେ !!
ବରାଭୟ ଦେ ମା' !!!

ମୋ: ୭୯୭୮୩୩୨୦୬୧

# ନାରୀ ସଶକ୍ତିକରଣର ସନ୍ଦେଶ ଦିଏ ନବରାତ୍ର



ଗୋପାଳ ମହାପାତ୍ର

ପର୍ବ ପର୍ବାଣୀ ଆମ ସଂସ୍କୃତିର ପ୍ରତୀକ। ଏଥିରୁ ଆମକୁ ଜଣାପଡେ ଯେ ଆମ ପ୍ରାଚୀନ ସଂସ୍କୃତି କେତେ ବିଶାଳ, ସଂପନ୍ନ ଏବଂ ସମୃଦ୍ଧ। ନବରାତ୍ର ଭାରତୀୟ ସଂସ୍କୃତିର ମହାନତାକୁ ଦର୍ଶାଇଥାଏ। ବିଗତ କିଛି ଦଶନ୍ଧି ହେବ ଦେଶରେ ମହିଳା ଶସକ୍ତିକରଣ କଥା କୁହାଯାଉଛି ଓ ସରକାର ବିଭିନ୍ନ ଯୋଜନାମାନ କରୁଛନ୍ତ। କିଛି ଲୋକ ବିଦେଶର ଉଦାହରଣ ଦେଇ କହୁଛନ୍ତି ଯେ ସେଠାକାର ମହିଳାମାନେ ଶସକ୍ତ ଏବଂ ସେମାନଙ୍କୁ ମାତ୍ରାଧିକ ଅଧିକାର ପ୍ରାପ୍ତ ହୋଇଛି, ଏକଥା କହୁଥିବା ଲୋକେ କିନ୍ତୁ ଆମ (ନିଜ) ଦେଶର ଇତିହାସକୁ ନେଇ ଚିନ୍ତନ ଏବଂ ମନନ କରୁନାହାଁନ୍ତି। ବାସ୍ତବରେ ଭାରତ ହେଉଛି ବିଶ୍ୱର ଏକମାତ୍ର ଏମିତି ଦେଶ ଯେଉଁଠି ମହିଳାଙ୍କୁ ପୁରୁଷଙ୍କ ସହ ସମାନ ବୋଲି ଗ୍ରହଣ କରାଯାଇଛି। ଭାରତରେ ଦେବୀ ମାନଙ୍କର ପୂଜା- ଅର୍ଚ୍ଚନା କରାଯାଇଥାଏ ଓ ଏହା ପୁଣି ଦେବତାଙ୍କ ପୂଜା ଭଳି। ଦେବୀଙ୍କ ସ୍ଥାନ ଦେବତାଙ୍କ ପୂର୍ବରୁ କୁହାଯାଏ ଯଥା- ରାଧା କୃଷ୍ଣ, ସୀତାରାମ, ପାର୍ବତୀ ଶଙ୍କର ଆଦି। ଭଗବାନ ଶିବଙ୍କ ସହ ଦେବୀ ପାର୍ବତୀଙ୍କ ପୂଜା କରାଯାଏ। ସେଇଥିପାଇଁ " ନମୋ ନମଃ ଶଙ୍କର ପାର୍ବତୀଭ୍ୟାଂ" ବୋଲି ଶିବଙ୍କ ସ୍ରୋତ୍ରରେ ଉଲ୍ଲେଖ ରହିଛି । ସେହିଭଳି ରାମ ସୀତାଙ୍କ କ୍ଷେତ୍ରରେ "ରଘୁନାଥାୟ ନାଥାୟ ସୀତାୟା ପତୟେ ନମଃ" ବୋଲି ଉଲ୍ଲେଖ ଅଛି। ରାମଙ୍କ ସହ ସୀତାଙ୍କୁ ପୂଜା କରାଯାଏ। ମାନ୍ୟତା ଅନୁସରାରେ ଶକ୍ତି ସ୍ୱରୂପିଣୀ ବା ଶକ୍ତିର ଦେବୀ ହେଉଛନ୍ତି ଦୁର୍ଗା। ଧନ ଏବଂ ସମୃଦ୍ଧିର ଦେବୀ ହେଉଛନ୍ତି ଲକ୍ଷ୍ମୀ ଏବଂ ଜ୍ଞାନର ଦେବୀ ହେଉଛନ୍ତି ସରସ୍ୱତୀ। ଏକଥା ଉଲ୍ଲେଖ କରିବାର ଅଭିପ୍ରାୟ ହେଉଛି ମନୁଷ୍ୟର ଜୀବନରେ ଯେଉଁ ସବୁ ବସ୍ତୁ ବା ଜିନିଷର ଆବଶ୍ୟକତା ରହିଛି ସେସବୁ ଏହି ଦେବୀ ମାନେହିଁ ପ୍ରଦାନ କରିଥାନ୍ତି। ମନୁଷ୍ୟର ଜୀବନକୁ ଅନୁଶାସନରେ ରଖିବା ଏବଂ ଆଦର୍ଶ ଜୀବନ ଯାପନ ପାଇଁ ଭଗବାନ ହେଉଛନ୍ତି ମନୁଷ୍ୟର ବିଶ୍ୱାସ ଏବଂ ଶ୍ରଦ୍ଧାର କେନ୍ଦ୍ର। ନବରାତ୍ର ଦେବୀ ଦୁର୍ଗାଙ୍କୁ ସମର୍ପିତ ଏକ ମହତ୍ୱପୂର୍ଣ୍ଣ ପର୍ବ। ଏହି ପର୍ବ ବର୍ଷରେ ୪ଥର ଯଥା, ଚୈତ୍ରମାସ, ଆଷାଢ଼ମାସ, ଆଶ୍ୱିନ ମାସ ଓ ମାଘ ମାସରେ ପାଳନ କରାଯାଇଥାଏ। ଏହି ୪ଟି ମଧ୍ୟରୁ ଚୈତ୍ରମାସ ଓ ଆଶ୍ୱିନ ମାସରେ ପଡୁଥିବା ନବରାତ୍ରର ମହତ୍ୱ ଅଧିକ ବୋଲି କୁହାଯାଏ। ମାଘମାସ ଓ ଆଷାଢ଼ ମାସରେ ପଡୁଥିବା ନବରାତ୍ରକୁ ଗୁପ୍ତ ନବରାତ୍ର ବୋଲି କୁହାଯାଏ କାରଣ ଏ ଦୁଇ ନବରାତ୍ର ପାଇଁ ସାର୍ବଜନିକ ଉତ୍ସବର ଆୟୋଜନ କରାଯାଇନଥାଏ।



ଆଶ୍ୱିନ ମାସର ନବରାତ୍ରକୁ ଶାରଦୀୟ ନବରାତ୍ର କୁହାଯାଏ। ଆଶ୍ୱିନମାସର ଶୁକ୍ଳପକ୍ଷ ପ୍ରଥମ ପ୍ରତିପଦା ତିଥିଠାରୁ ଏହି ପର୍ବର ଆରମ୍ଭ ହୋଇଥାଏ। ପ୍ରଥମଦିନ ଶୁଭ ମୁହୂର୍ତ୍ତରେ କଳଶ ସ୍ଥାପନ କରାଯାଇଥାଏ। ନବରାତ୍ରରେ ୯ଦିନ ଦେବୀ ଦୁର୍ଗାଙ୍କର ୯ରୂପର ପୂଜା- ଅର୍ଚ୍ଚନା କରାଯାଇଥାଏ। ପ୍ରଥମ ଦିନ ଦେବୀ ଦୁର୍ଗାଙ୍କୁ ଶୈଳପୁତ୍ରୀ ରୂପରେ ପୂଜା କରାଯାଏ। ସେହିପରି ଦ୍ୱୀତୀୟ ଦିନରେ ବ୍ରହ୍ମଚାରିଣୀ, ତୃତୀୟ ଦିନରେ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନରେ କୁଷ୍ମାଣ୍ଡା, ପଞ୍ଚମଦିନରେ ସ୍କନ୍ଦମାତା, ଷଷ୍ଠ ଦିନରେ କତ୍ୟାୟନୀ, ସପ୍ତମ ଦିନରେ କାଳରାତ୍ରୀ, ଅଷ୍ଟମଦିନରେ ମହାଗୌରୀ ଓ ନବମ ଦିନରେ ସିଦ୍ଧିଦାତ୍ରୀ ରୂପରେ ପୂଜା କରାଯାଏ। ଦେବୀଙ୍କ ସାଧନା ପୂଜାର୍ଚ୍ଚନାରେ ମଣିଷର ସମସ୍ତ ପାପ ନାଶ ହୋଇଥାଏ ଓ ତାର ମୋକ୍ଷପ୍ରାପ୍ତି ହୋଇଥାଏ। ବାସ୍ତବରେ ନବରାତ୍ରର ପର୍ବ ନାରୀ ଶକ୍ତିର ଉତ୍ସବ ଅଟେ। ପ୍ରାଚୀନ କାଳରୁ ହିଁ ଏହି ପର୍ବ ଆମର ସଂସ୍କୃତିରେ ନାରୀ ଶକ୍ତିର ପ୍ରତୀକ ଭାବେ ରହି ଆସିଛି। କନ୍ୟା ପୂଜନରୁ ଗୋଟିଏ କଥା ସ୍ପଷ୍ଟ ଯେ ଆମ ସମାଜରେ କନ୍ୟା (ମହିଳା)ଙ୍କର ସ୍ଥାନ ସର୍ବାଗ୍ରେ ରହିଛି। ନବରାତ୍ର ଶକ୍ତିର ପ୍ରତୀକ ଅଟେ ଓ ଏଥିରେ ନାରୀ (ମହିଳା) ଶକ୍ତିର ଉପାସନା କରାଯାଏ ଓ ନିଜ ଭିତରେ ଶକ୍ତିକୁ ଜାଗ୍ରତ କରାଯାଏ। ଏହି ଉତ୍ସବ / ପୂଜାରେ କେବଳ ଦେବୀଙ୍କୁ ଭକ୍ତି କରାଯାଏ ବୋଲି ଯାହା କୁହାଯାଏ ତା ନୁହେଁ ବରଂ ଏହାଦ୍ୱାରା ଆମର ଅନ୍ତଃଚେତନାକୁ ଜାଗ୍ରତ କରାଯାଉଥାଏ। ନବରାତ୍ରରେ ଦୁର୍ଗା ସପ୍ତଶତି ପାଠ କରାଯାଏ ଯେଉଁଥିରୁ ସ୍ପଷ୍ଟ ଜଣାପଡ଼େ ଯେ ଦେବୀ ଦୁର୍ଗା ଅତ୍ୟାଚାର ଏବଂ ଅନ୍ୟାୟ ବିରୁଦ୍ଧରେ ଅଷ୍ଟଶକ୍ତିର ପ୍ରୟୋଗ କରି ଅସୁର ବିନାଶ କରିଥିଲେ। ଏହି ପର୍ବ ମନେ ପକାଇ ଦେଇଥାଏ ଯେ ସମାଜରେ ମହିଳାଙ୍କ ସ୍ଥାନ କେଉଁଠି ?

ଓାରଦୀୟ ନବରାତ୍ର ପାଳନର ଇତିହାସ ମଧ ରହିଛି। ବିଭିନ୍ନ ପୁରାଣ-ଯଥା –ଦେବୀ ଭାଗବତରେ ୧୦୮ଟି ଦେବୀ (ଶକ୍ତି)ଙ୍କ ପୀଠ କଥା ଉଲ୍ଲେଖ ଥିବା ବେଳେ କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗ ଶପ୍ତ ଶତି ଏବଂ ତନ୍ତ୍ରଚୂଡାମଣିରେ ଶକ୍ତିପୀଠର ସଂଖ୍ୟା ୫୨ ବୋଲି କୁହାଯାଇଛି। ଏସବୁ ଶକ୍ତିପୀଠର ସ୍ଥାପନାର ସମୟ ଏବଂ କିଏ ସ୍ଥାପନ କରିଥିଲେ ସେ ବାବଦରେ କୌଣସି ସଠିକ୍ ନିର୍ଣ୍ଣୟ ନାହିଁ କାରଣ ଏସବୁ ମାତା ସତୀ(ପାର୍ବତୀ) ଏବଂ ଶିବଙ୍କ କଥା ସହ ଜଡିତ। ତଥାପି ପୁରାଣ ଉପରେ ଜ୍ଞାନଥିବା ବ୍ୟକ୍ତିଙ୍କ ମତ ହେଉଛି ଶକ୍ତିପୀଠ ସବୁ ରାମାୟଣ କାଳର ପୂର୍ବ ସମୟର। ବାଲକ୍ମି ରାମାୟଣ ଅନୁସାରେ କିସ୍କିନ୍ଧ୍ୟା ନିକଟରେ ଋଷ୍ୟମୁକ ପର୍ବତରେ ପ୍ରଭୁ ଶ୍ରରାମ ଲଙ୍କାଗତ୍ର ରାବଣ ସହ ଯୁଦ୍ଧ କରିବା ପୁର୍ବରୁ ମାତା ଦୁର୍ଗା (ଶକ୍ତି)ଙ୍କର ଉପାସନା କରିଥିଲେ, ବ୍ରହ୍ମା ଭଗବାନ ଶ୍ରୀରାମଙ୍କୁ ଦେବୀ ଦୁର୍ଗାଙ୍କୁ ଚଣ୍ଡୀ ରୂପରେ ପୂଜା କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ଆଶ୍ୱିନ ମାସର ଶୁକ୍ଳପକ୍ଷ ପ୍ରତିପଦା ତିଥିଠାରୁ ନବମୀ ପର୍ଯ୍ୟନ୍ତ ଚଣ୍ଡିଙ୍କର ପୂଜା କରିଥଲେ ଓ ଦେବୀଙ୍କୁ ଉପାସନା କରି ସେ ଲଙ୍କା ବିଜୟ କରିଥିଲେ। କୁହାଯାଏ ଯେ ଏହି ତିଥିକୁ ମାନିନେଇ ୯ଦିନ ପର୍ଯ୍ୟନ୍ତ ନବରାତ୍ର ପାଳନ କରାଯାଉଛି।

ପ୍ରଭୁ ଶ୍ରୀରାମଙ୍କ ପୁର୍ବରୁ କିନ୍ତୁ ବିଜୟାଦଶମୀର ପର୍ବ ପାଳନ କରାଯାଉଛି। ମାତାଦୁର୍ଗା ମହିଷାସୁର ସହ ୯ଦିନ ପର୍ଯ୍ୟନ୍ତ ଯୁଦ୍ଧ କରି ୧୦ମ ଦିନରେ ତାର ବଧ କରିଥିଲେ। ବିଜୟା ଦଶମୀ ପର୍ବ ମାତା କାତ୍ୟାୟନୀ ଦୁର୍ଗା ମହିଷାସୁରର ବଧ କରିବା କାରଣରୁ ପାଳିତ ହେଉଛି ଯାହା ଶ୍ରୀରାମଙ୍କ କାଳର ପୁର୍ବରୁ ହିଁ ପ୍ରଚଳିତ ହୋଇଆସୁଛି। ଇତିହାସର ତଥ୍ୟ ଅନୁସାରେ ସିନ୍ଧୁ ସଭ୍ୟତାର ଲୋକେ ଯେଉଁ ଦେବତାଙ୍କୁ ପୂଜା କରୁଥିଲେ ସେମାନଙ୍କୁ ବୈଦିକ ସଭ୍ୟତାର ଲୋକେ ପଶୁପତି ଏବଂ ରୁଦ୍ରଭାବେ ପୂଜା କରିବା ଆରମ୍ଭ କରିଥିଲେ ଏବଂ ଯେଉଁ ମାତୃକା (ଦେବୀ)ଙ୍କ ପୂଜା କରୁଥିଲେ ବୈଦିକ ସଭ୍ୟତାରେ ତାହା ଦେବୀଙ୍କ ପ୍ରାରମ୍ଭିକ ରୂପ ହୋଇଯାଇଥଲା। ସିନ୍ଧୁ ସଭ୍ୟତା ହିଁ ବୈଦିକ ଆର୍ଯ୍ୟ ସଭ୍ୟତା । ଏଥିରେ ସର୍ବଶକ୍ତିମାନ ଦେବୀ ଆଦିତିଙ୍କୁ ସମସ୍ତ ପ୍ରାଣୀଙ୍କର ଜନନୀ ବୋଲି ଗ୍ରହଣ କରାଯାଇଛି। ଏହାପରେ ଏହି ସମୟରେ ଅମ୍ବିକା, କାତ୍ୟାୟନୀ ଆଦି ନାମରେ ଦେବୀ ମାନଙ୍କୁ ନାମିତ କରାଯାଇଛି।

ପୁରାଣ ବା ଇତିହାସରେ ଯାହାବି ଉଲ୍ଲେଖ ଥାଉନା କାହିଁକି ଏବେ ଶାରଦୀୟ ନବରାତ୍ର ଭାରତ ସମେତ ଅନେକ ଦେଶରେ ପାଳିତ ହେଉଛି। ଯେଉଁ ସମୟରେ ବିଶ୍ୱର ଅଧିକାଂଶ ଦେଶ ଅଶିକ୍ଷିତ ଏବଂ ଅସଭ୍ୟ ଥିଲେ ସେ ସମୟରେ ଭାରତ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଥିଲା। କେବଳ ପୁରୁଷ ନୁହଁନ୍ତି ଭାରତର ମହିଳାମାନେ ଶିକ୍ଷିତା ଥିଲେ। ସେମାନେ ଶାସ୍ତ୍ର ବାବଦରେ ଜ୍ଞାତା ଏପରିକି ଅର୍ଥ ଶାସ୍ତ୍ରରେ ବିଶରଦ ଥିଲେ। ଦେବୀମାନେ ରାକ୍ଷାସଙ୍କୁ ବଧ କରିବା କଥା ପୁରାଣରେ ଉଲ୍ଲେଖ ରହିଛି ଓ ଏଥିରୁ ସ୍ପଷ୍ଟ ଯେ ନାରୀ (ମହିଳା) ହିଁ ସୃଷ୍ଟିରେ ଶ୍ରେଷ୍ଠ। ନାରୀ ହେଉଛି ସଂସ୍କାରର ଜନନୀ ଓ ତା ଭିତରେ ମମତା, ସ୍ନେହ, ଉଦାରତା, ଆତ୍ମୀୟତା, ପ୍ରେମ ଆଦି ଗୁଣ ଭରି ରହିଛି ଯାହା ଜୀବନର ଅଂଶ ବିଶେଷ। ନାରୀ ଅବଳା ଦୁର୍ବଳା ନୁହେଁ ବରଂ ସର୍ବଶକ୍ତିମାନ, ଶକ୍ତି ସ୍ୱରୂପିଣୀ। ନବରାତ୍ର ନାରୀ ସଶକ୍ତି କରଣର ସନ୍ଦେଶ ବାହକ।

ରାମଚନ୍ଦ୍ରପୁର, ରଣପୁର
ମୋ :୯୪୩୮୪୮୫୦୯୪

# ଦୁର୍ଗା ପୂଜାର ଅଭ୍ୟୁଦୟ



ସୁଷମା ପରିଜା

ଅନେକଦିନ ତଳର କଥା। ସେତେବେଳେ ପୃଥିବୀକୁ ଶାସନ କରୁଥାନ୍ତି ଚୈତ୍ରବଂଶ ନୃପତି ପରମ ଧାର୍ମିକ ରାଜା ସୁରଥ । ସେ ପ୍ରଜାମାନଙ୍କୁ ପୁତ୍ର ପ୍ରାୟ ପାଳନ କରୁଥାନ୍ତି । ତାଙ୍କ ସୁଶାସନରେ ସମସ୍ତ ପ୍ରଜା ସୁଖର ସହ ବାସ କରୁଥାନ୍ତି । ସମସ୍ତ ରାଜ୍ୟ ଧନ ଧାନ୍ୟରେ ପୂର୍ଣ୍ଣ ହୋଇ ଉଠିଥାଏ । କିନ୍ତୁ ତାଙ୍କର ଏ ସୁଖ ଆଉ ବେଶିଦିନ ରହିଲାନାହିଁ । ତାଙ୍କ ସମୃଦ୍ଧି ଦେଖି କ୍ରମେ ପଡ଼ୋଶୀ ରାଜା ମାନେ ଈର୍ଷାଳୁ ହୋଇ ଉଠିଲେ ଓ ସୁରଥଙ୍କ ରାଜ୍ୟଉପରେ ଲୋଲୁପଦୃଷ୍ଟି ପକାଇଲେ । ଚତୁର୍ଦ୍ଦିଗରୁ କ୍ଷତ୍ରିୟ ରାଜା ମାନେ ରାଜା ସୁରଥଙ୍କୁ ଆକ୍ରମଣ କଲେ । ରାଜା ସୁରଥ ବୀରତ୍ୱର ସହିତ ସେମାନଙ୍କ ସହ ଲଢ଼ି ଲଢ଼ି ଶେଷକୁ ସେମାନଙ୍କ ଦ୍ୱାରା ପରାଜିତ ହୋଇ ନିଜ ରାଜ୍ୟ ହରାଇଲେ । ତାଙ୍କ କୁଚକ୍ରୀ ମନ୍ତ୍ରୀମାନେ ମଧ୍ୟ ଶତ୍ରୁଙ୍କ ସହ ହାତ ମିଳାଇଲେ । ରାଜା ଅତ୍ୟଧିକ ଦୁଃଖୀ ହୋଇ ଦିନେ ନିଶାର୍ଦ୍ଧରେ ନିଜର ସ୍ତ୍ରୀ ପୁତ୍ରଙ୍କୁ ଛାଡ଼ି ଘନ ଅରଣ୍ୟକୁ ପଳାୟନ କଲେ।

ଅରଣ୍ୟରେ ମନସ୍ତାପ ରେ ଅନେକ ଦିନ ବୁଲିବୁଲି ପାଗଳ ପ୍ରାୟ ହୋଇ ସେ ଯାଇ ମେଧା ଋଷିଙ୍କ ଆଶ୍ରମରେ ପହଁଚିଲେ । ରାଜାଙ୍କୁ ଦେଖି ମୁନି ତାଙ୍କୁ ପାଛୋଟି ନେଇ ଆଶ୍ରମରେ ଆଶ୍ରୟ ଦେଲେ। ରାଜା ସେଠାରେ ରହୁଥାନ୍ତି, ସେଠାରେ ଦିନେ ଆସି ପହଁଚିଲେ ସମାଧି ନାମକ ବୈଶ୍ୟ । ତାଙ୍କ ସହ ରାଜା କଥାବାର୍ତ୍ତା କରି ଜାଣିଲେ,ସେ ମଧ ରାଜା ସୁରଥଙ୍କ ପ୍ରାୟ ସମ ଦଶା ଭୋଗୀ । ସେ ଥିଲେ ଜଣେ ଧନୀବଣିକ ଓ ବ୍ୟବସାୟ ବାଣିଜ୍ୟ କରି ବହୁ ସମ୍ପତ୍ତିର ମାଲିକ ହୋଇ ଥିଲେ । ଦୁର୍ଭାଗ୍ୟକୁ ତାଙ୍କ ସ୍ତ୍ରୀ ପିଲାମାନେ ତାଙ୍କର ସବୁ ଧନ ହରି ନେଇ ତାଙ୍କୁ ଘରୁ ତଡ଼ି ଦେଇଛନ୍ତି । ଜୀବନ ପ୍ରତି ବିତୃଷ୍ଣା ଆସିବାରୁ ସେ ଅରଣ୍ୟକୁ ଚାଲିଆସି ମେଧା ଋଷିଙ୍କ ଶରଣାପନ୍ନ ହୋଇଛନ୍ତି। ମେଧାଋଷିଙ୍କ ଅନୁଗ୍ରହ ରୁସମାଧି ବୈଶ୍ୟ ମଧସେଠାରେ ରହିଲେ ।

ସମଦୁଃଖୀ ରାଜା ସୁରଥ ଓ ସମାଧି ବୈଶ୍ୟ ପରସ୍ପର ଭିତରେ ନିଜ ଦୁଃଖ କାହାଣୀ ସୁମରି ମେଧା ଋଷିଙ୍କ ଆଶ୍ରମରେ କାଳ କାଟୁଥାନ୍ତି । ଦିନେ ସେମାନେ ମେଧା ଋଷିଙ୍କୁ ପଚାରିଲେ, 'ହେ ମହାତ୍ମା ! ଆମେ ତ ସର୍ବଦା ଧର୍ମ ପଥରେ ରହି ଜୀବନ ନିର୍ବାହ କରୁଥିଲୁ । କେବେ ହେଲେ କାହାରି ଅନିଷ୍ଟ କରିନାହୁଁ,ତାହା ସତ୍ତ୍ୱେ ମଧ ଆମର ଏପରି ଦୁର୍ଭାଗ୍ୟ କାହିଁକି ହେଲା ?'

ମହର୍ଷି ମେଧା କହିଲେ,ଏସବୁ ମା' ମହାମାୟାଙ୍କ ମାୟା । ମାୟାଗ୍ରସ୍ତ ଜୀବକୁ ଏହା ଭୋଗିବାକୁ ପଡ଼ି ଥାଏ । ସଂସାରରେ ସୁଖ ଦୁଃଖ ଚକ୍ରବତ୍ ଘୁରୁଅଛି। ତୁମେ ମାନେ ଦେବୀ ଭଗବତୀଙ୍କ ମାହାତ୍ମ୍ୟ ଶ୍ରବଣ କର, ତୁମର ସକଳ ଦୁଃଖ ଦୂର ହୋଇଯିବ। ଏହା କହି ମହର୍ଷି ତାଙ୍କୁ ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ଦେବୀ ମହାତ୍ମ୍ୟ ଶୁଣାଇଲେ । ମହର୍ଷି ତାଙ୍କୁ ମାଆ ମହାମାୟା କିପରି ମଧୁ କୈଟଭ, ମହିଷାସୁର, ଚଣ୍ଡମୁଣ୍ଡ, ଧୁମ୍ର ଲୋଚନ, ରକ୍ତ ବୀର୍ଯ୍ୟ ଆଦି ଭୟଂକର ଦୈତ୍ୟ ମାନଙ୍କୁ ନିଜ ମାୟା ବିସ୍ତାର କରି ବଧ କରିଥିଲେ ସେହି ସବୁ କାହାଣୀ ମାନ କହିଲେ । ମାଆ ଭଗବତୀଙ୍କ ଲୀଳା ଶ୍ରବଣ କରି, ସେମାନଙ୍କ ମନରେ କ୍ରମେ ମାଆଙ୍କ ପ୍ରତି ଅଟଳ ଭକ୍ତି ଓ ବିଶ୍ୱାସ ଜାଗ୍ରତ ହେଲା । ସେମାନେ ଅହୋରାତ୍ର ମାଆଙ୍କର ଗୁଣ ଶ୍ରବଣ, କୀର୍ତ୍ତନ କରି ଧାନ ମଗ୍ନ ହେଲେ।

କିଛି ଦିନ ଅନ୍ତେ ହୃଦୟରେ ମାଆଙ୍କ ଭକ୍ତିଭାବ ନେଇ ଦିନେ ସେମାନେ ମୁନିଙ୍କ ଆଶ୍ରମ ପରିତ୍ୟାଗ କରି ଅରଣ୍ୟ ମଧ୍ୟକୁ ଚାଲି ଗଲେ ଓ ସେଠାରେ ରହି ମୁନିଙ୍କ ଠାରୁ ଲାଭ କରିଥିବା ମନ୍ତ୍ର ଓ ପୂଜାବିଧିରେ ମାଆ ମହାମାୟାଙ୍କ ଆରାଧନାରେ ଲାଗି ରହିଲେ । ତିନିବର୍ଷ କାଳ ସେମାନେ ମାଆଙ୍କୁ ନିଷ୍ଠାର ସହ ଆରାଧନା କରି ଲୋକ ମାନଙ୍କୁ ମା' ଯୋଗମାୟାଙ୍କର ମାହାତ୍ମ୍ୟ ଶୁଣାଇଲେ । ସେମାନଙ୍କ ଭକ୍ତିରେ ତୁଷ୍ଟ ହୋଇ ଦିନେ ମା' ପରମାତ୍ମିକା ପ୍ରକଟ ହେଲେ । ମାଆ ରାଜା ସୁରଥଙ୍କୁ ବର ଦେଲେ, ଯାଅ ରାଜ୍ୟକୁ ଫେରିଯାଅ ଓ ସୁଖରେ ପ୍ରଜାପାଳନ କର । ତୁମେ ପୃଥିବୀରେ ଦଶହଜାର ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କରିବ ଓ ପରେ ତୁମେ ସୂର୍ଯ୍ୟଙ୍କର ପୁତ୍ର ଭାବେ ଜନ୍ମ ହୋଇ



ସବର୍ଣ୍ଣୀମନୁ ନାମରେ ଖ୍ୟାତ ହେବ। ସମାଧି ବୈଶ୍ୟଙ୍କୁ ମାଆ ତାଙ୍କ ଇଚ୍ଛାନୁସାରେ ମୋକ୍ଷ ଲାଭର ବର ପ୍ରଦାନ କଲେ ।

ମାଆଙ୍କ କୃପାରୁ, ରାଜା ସୁରଥ ତାଙ୍କ ରାଜ୍ୟ ଫେରି ପାଇଲେ ଓ ଦୀର୍ଘକାଳ ଶାସନକରି ଅନ୍ତଃ କାଳରେ ପରମ ଗତି ପ୍ରାପ୍ତହେଲେ । ସମାଧ ବୈଶ୍ୟ ଅବଶିଷ୍ଟ ଜୀବନ ବିଭିନ୍ନ ତୀର୍ଥାଟନ କରି ଓ ମାଆଙ୍କ ମହିମା ଗାନକରି କଟାଇ ଶେଷରେ ପରମଗତି ଲାଭକଲେ।

ରାଜା ସୁରଥ ଓ ସମାଧି ବୈଶ୍ୟଙ୍କ ଦ୍ୱାରା ଧରାରେ ଏହିପରି ମା' ଭଗବତୀଙ୍କ ପୂଜା ପ୍ରଥମ କରି ଆରମ୍ଭ ହୋଇ ଥିଲା । ମାଆ ଦୁର୍ଗତିକାଳରେ ସହାୟ ଏବଂ ଦୁର୍ଗମ ନାମକ ରାକ୍ଷସ ସଂହାର କରି ଥିବାରୁ ତାଙ୍କ ନାମ 'ଦୂର୍ଗା' । ମେଧାଋଷିଙ୍କ ଠାରୁ ସମାଧି ବୈଶ୍ୟ ଓ ରାଜା ସୁରଥ ଯେଉଁ ଦେବୀମାହାତ୍ମ୍ୟ ଶୁଣିଥିଲେ, ତାହା 'ଦୁର୍ଗା ସପ୍ତଶତୀ' ନାମରେ ବିଖ୍ୟାତ ହୋଇଛି । ପରମ ମୋକ୍ଷଦାୟୀ ପବିତ୍ର ଦୁର୍ଗା ସପ୍ତଶତୀ ପଠନ, ମନନ ରେ ସର୍ବ କ୍ଳେଶ ଦୂର ହୋଇ ମନୁଷ୍ୟ ଅକ୍ଷୟ ଯଶର ଅଧିକାରୀ ହୋଇଥାଏ । ଜୟ ମାଆ ଦୁର୍ଗା ଦୁର୍ଗତିନାଶିନୀ !

ଶାରଳା ଭବନ, ପୋତା
ପୋଖରୀ, କଟକ-୪

# ଯୁଗେ ଯୁଗେ ମାତୃ ଶକ୍ତି



ନେତାଜୀ ତାପସ କୁମାର ସାହୁ

' ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ , ରମନ୍ତେ ତତ୍ର ଦେବତା'

ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟର ବିଜୟ ଧ୍ୱଜା ଉଡ଼ାଇବା ପାଇଁ ଯୁଗେ ଯୁଗେ ପ୍ରଭୁ ଧରାବତରଣ କରିଥାନ୍ତି ଏବଂ ଜଗତ ଜନନୀଙ୍କ ଭୂମିକା ପ୍ରତିଟି ଅବତାରରେ ଗୁରୁତ୍ୱପୂର୍ଣ୍ଣ ସଦା ସର୍ବଦା ରହିଥାଏ। ତେଣୁ ଶକ୍ତିଙ୍କ ଉପାସନା ସୃଷ୍ଟି ଆରମ୍ଭରୁ ହିଁ ପ୍ରଚଳିତ।

କିଛି ଶତାବ୍ଦୀ ତଳେ ବିଖ୍ୟାତ ବୈଜ୍ଞାନିକ ସାର୍ ଆଇନଷ୍ଟାଇନ କହିଥିଲେ 'ଶକ୍ତିକୁ ସୃଷ୍ଟି କରାଯାଇ ପାରିବ ନାହିଁ କିମ୍ବା ବିନାଶ କରାଯାଇ ପାରିବ ନାହିଁ । ଏହା କେବଳ ଗୋଟିଏ ରୂପରୁ ଅନ୍ୟ ଏକ ରୂପକୁ ରୂପାନ୍ତରିତ ହୋଇଥାଏ । ' କିନ୍ତୁ ଏହି ବୈଜ୍ଞାନିକ ସିଦ୍ଧାନ୍ତର କୋଟି କୋଟି ବର୍ଷ ପୂର୍ବରୁ ଦେବୀ ଆରାଧନା ଏହି ସିଦ୍ଧାନ୍ତ ପ୍ରଦାନ କରିଛି । ପୌରାଣିକ ଯୁଗରେ ପ୍ରଭୁ ଶ୍ରୀରାମଙ୍କଠୁ ନେଇ ଅଧୁନା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଯାଏ ପ୍ରତିଟି ମାନବୀୟ ଲୀଳା ପଛରେ ଦେବୀଙ୍କର ପ୍ରଚ୍ଛନ୍ନ ହାତ ରହିଛି।

ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଅବତାର ଗ୍ରହଣର ମୁଖ୍ୟ ଲକ୍ଷ୍ୟ ଥିଲା ରାବଣର ଅତ୍ୟାଚାରରୁ ସାଧୁ ସନ୍ଥ ମାନଙ୍କୁ ସୁରକ୍ଷା ଦେବା ତଥା ନାରୀ ସମ୍ମାନ ଓ ସତ୍ୟର ପୁନଃ ପ୍ରତିଷ୍ଠା। ଏହି କାର୍ଯ୍ୟରେ ଦେବୀ ଦୁର୍ଗାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଚାରି ମାସ ଦେବ ଶୟନ ସମୟ ଚାଲିଥିବା ବେଳେ ରାବଣର ଅତ୍ୟାଚାରକୁ ପ୍ରତିହତ କରିବା ପାଇଁ ପ୍ରଭୁ ରାମ ଆଶ୍ୱିନ ମାସର ଏହି ଅକାଳ ସମୟରେ ମାଆ ଦୁର୍ଗାଙ୍କର ଆରାଧନା କରିଥିଲେ, ଯାହାକି ଆଜିବି ଆମେ ମାନେ ଶାରଦୀୟ ଦୁର୍ଗାପୂଜା ରୂପେ ପାଳନ କରିଥାଉ। ମାଆ ଦୁର୍ଗା ରାମଚନ୍ଦ୍ରଙ୍କ ଭକ୍ତିରେ ପ୍ରସନ୍ନ ହୋଇଥିଲେ ମଧ୍ୟ ତାଙ୍କର ପରୀକ୍ଷା ନେବା ପୂର୍ବକ ପୂଜାରେ ଅର୍ପଣ କରାଯାଇଥିବା ୧୦୮ ଟି ନୀଳପଦ୍ମ ମଧ୍ୟରୁ ଗୋଟିଏ ଲୁଚେଇ ଦେଇଥିଲ। ରାମଚନ୍ଦ୍ର ୧୦୭ ଟି ନୀଳପଦ୍ମ ମାଆଙ୍କୁ ଅର୍ପଣ କରିବା ପରେ ଶେଷରେ ଯେତେବେଳେ ଗୋଟିଏ ଫୁଲ ପାଇନଥିଲେ, ନିଜର ତୂଣୀରରୁ ଶର ବାହାର କରି ମାଆଙ୍କୁ ନିଜର ଚକ୍ଷୁ ସମର୍ପଣ କରିବା ପାଇଁ ଉଦ୍ୟତ ହେଇଥିଲେ । କାରଣ ତାଙ୍କୁ ରାଜୀବ ଲୋଚନ କୁହାଯାଏ । ଏହି ସମୟରେ ମାଆ ପ୍ରକଟ ହୋଇ ରାମଙ୍କୁ ରୋକିବା ସହ ବିଜୟ ପାଇଁ ଅଭୟବର ପ୍ରଦାନ କରିଥିଲେ। ଯଦି ରାମଚନ୍ଦ୍ର ଆଜି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇଛନ୍ତି ତେବେ ଏଥିପାଇଁ ମାତୃଶକ୍ତିର ଅଲୌକିକ ଆଶୀର୍ବାଦ ରହିଛି ।

ଦ୍ୱାପର ଯୁଗରେ କଂସର ଅତ୍ୟାଚାରରେ ଅତିଷ୍ଠ ହୋଇପଡିଥିବା ଧରାକୁ ରକ୍ଷା କରିବା ନିମନ୍ତେ ପ୍ରଭୁ ଶ୍ରୀକୃଷ୍ଣ ଧରାପୃଷ୍ଠକୁ ଆଗମନ କରିଥିଲେ । ତେବେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପୂର୍ବରୁ ଦେବୀ ଯୋଗମାୟା ନିଜେ ଜନ୍ମ ହୋଇ କଂସକୁ ବଧ କରିବା ନିମନ୍ତେ କୃଷ୍ଣ ଆସୁଥିବାର ସୂଚନା ଦେଇଥିଲେ । ଯେଉଁଥିପାଇଁ ଆଜିବି ଜନ୍ମାଷ୍ଟମୀ ତିଥିରେ ଦୁର୍ଗାପୂଜା ପାଇଁ ନଦୀ ତଟରୁ ମୃର୍ତ୍ତିକା ସଂଗ୍ରହ ପରମ୍ପରା ରହିଛି ।

କଳିଯୁଗରେ ଶ୍ରୀକ୍ଷେତ୍ର ଧାମରେ ବିରାଜିତ ଚତୁର୍ଦ୍ଧା ମୂର୍ତ୍ତି ବଡ ଠାକୁର ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନ ହେଉଛନ୍ତି ପ୍ରତିଟି ଓଡ଼ିଆର ପ୍ରାଣ କେନ୍ଦ୍ର । ତେବେ ଶ୍ରୀକ୍ଷେତ୍ର ଧାମର ଅଧିଷ୍ଠାତ୍ରୀ ଦେବୀ ହେଉଛି ମାଆ ବିମଳା, ଯାହାଙ୍କ ପାଖରେ ପ୍ରତିଦିନ ପ୍ରସାଦ ଲାଗିହେଲା ପରେ ହିଁ ତାହା ମହାପ୍ରସାଦ ରେ ପରିଣତ ହୁଏ । ରଥଯାତ୍ରା ସମୟରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ସମ୍ପୂର୍ଣ୍ଣ ଭାବେ ମାତୃଶକ୍ତିର ପ୍ରତୀକ ହୋଇଥିବା ବେଳେ ରଥାରୂଢ ଦିଅଁଙ୍କ ସମ୍ମୁଖରେ ଆଷାଢ଼ ଶୁକ୍ଳ ଦ୍ୱାଦଶୀ ତିଥିରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥାଏ । ଏହି ଅଧରପଣା ନୀତିରେ ବ୍ୟବହୃତ ହେଉଥିବା ପଣାକୁ ତିନି ରଥରେ ବିରାଜିତ ଓ ସୁରକ୍ଷା କରୁଥିବା ଚଣ୍ଡୀ ଚାମୁଣ୍ଡା ମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥାଏ । ସେହିପରି ଆଶ୍ୱିନ ମାସରେ ଅନୁଷ୍ଠିତ ହେଉଥିବା ଶାକ୍ତ ଗୁଣ୍ଡିଚାରେ ଦେବୀ ଦୁର୍ଗାଙ୍କ ସହ ଜଗନ୍ନାଥ ବିଜେ ହୋଇଥାନ୍ତି, ଯାହାକୁ ସାଧାରତଃ ଦୁର୍ଗା ମାଧବ ଉପାସନା କୁହାଯାଏ । ମାନବୀୟ ଲୀଳା କରୁଥିବା ଦାରୁ ବିଗ୍ରହ ମାନଙ୍କ ନୂତନ ଦାରୁ ସନ୍ଧାନ ନିମନ୍ତେ ଯୋଡା ଆଷାଢ଼ ବର୍ଷରେ ଅନୁଷ୍ଠିତ ହେଉଥିବା ନବକଳେବର ସମୟରେ ବନଜାଗ ଯାତ୍ରା ଏକ ପ୍ରମୁଖ ପର୍ବ । ଏହି ସମୟରେ ନୂତନ ଦାରୁ କେଉଁଠାରେ ଅଛନ୍ତି ଏଥି ନିମନ୍ତେ କାକଟପୁର ସ୍ଥିତ ମାଆ ମଙ୍ଗଳାଙ୍କ ମନ୍ଦିରରେ ଦଇତାପତିମାନେ ଅଧିଆ ପଡିଥାନ୍ତି । ମାଆ ମଙ୍ଗଳାଙ୍କ ସ୍ୱପ୍ନାଦେଶ ପରେ ସେମାନେ ଆଶୀର୍ବାଦ ଗ୍ରହଣ ପୂର୍ବକ ଦାରୁ ସନ୍ଧାନରେ ଆଗକୁ ବଢ଼ିଥାନ୍ତି । ତେଣୁ ଶକ୍ତିଙ୍କ ସାହାଯ୍ୟରେ ହିଁ ସବୁକିଛି ଲୀଳା ସମ୍ପାଦନ ହୋଇଥାଏ ।



ଆଜିବି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ପାଲା ଗାୟନ ପୂର୍ବରୁ ପାଲା ଗାୟକ ମାନେ ମାଆ ଶାରଳାଙ୍କ ଆଶୀର୍ବାଦ ନେଇ ପାଲା ଗାଇଥାନ୍ତି ।

ଶେଷରେ ଏତିକି କୁହାଯାଇପାରେ ଶକ୍ତି ସ୍ୱରୂପାଙ୍କ ବିନା ଏ ସଂସାର ଅସାର ଓ ନିଷ୍କ୍ରିୟ ସମାନ। ସଂସାରର ଏପରି କୌଣସି କାର୍ଯ୍ୟ ନାହିଁ ଯେଉଁଠି ଦେବୀ ଶକ୍ତିଙ୍କ ବିନା ପରିକଳ୍ପନା ସମ୍ଭବ । ତେଣୁ ଶକ୍ତି ଆରାଧନାର ଏହି ଶାରଦୀୟ ପର୍ବରେ ସମସ୍ତେ ମାଆଙ୍କୁ ଭକ୍ତିପୂତ ଆରାଧନା କରି ତାଙ୍କ ଆଶୀର୍ବାଦ ଲାଭ ପାଇଁ ଏକନିଷ୍ଠ ହେବା।

+ପୂର୍ବତନ ଅଧାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ମୋ: ୮୨୬୦୩୫୬୧୧୩

# ବାଲିଆପାଳ ପଞ୍ଚାୟତର ୧୩୨ ବର୍ଷର ସାର୍ବଜନୀନ ଦୁର୍ଗାପୂଜା ଶୁଭାରମ୍ଭ



ଲଙ୍ଗଳେଶ୍ୱର, ୧୦/୧୦ (ନି.ପ୍ର): ବାଲିଆପାଳ ଗ୍ରାମ ପଞ୍ଚାୟତର ୧୩୨ ବର୍ଷର ସାର୍ବଜନୀନ ଦୁର୍ଗାପୂଜା ବାଲିଆପାଳ ବସଷ୍ଟାଣ୍ଡ ସ୍ଥିତ ଦୁର୍ଗାମାତା ମଣ୍ଡପରେ ଗୁରୁବାର ଠାରୁ ଶୁଭାରମ୍ଭ ହୋଇଛି ।ବୁଧବାର ଷଷ୍ଠୀରେ ବିଲ୍ୱଧିବାସ ପରେ ଗୁରୁବାର ସପ୍ତମୀ ଅବସରରେ ସୁବର୍ଣ୍ଣରେଖା ନଦୀରୁ ଘଟଉତ୍ତୋଳନ ପରେ ମା ଦୁର୍ଗାଦେବୀଙ୍କ ପୂଜା ଆରମ୍ଭ ହୋଇଛି । ଆସନ୍ତାକାଲି ଶୁକ୍ରବାର ମହାଅଷ୍ଟମୀ ପରେ ଶନିବାର ନବମୀ ପୂଜା ଏବଂ ରବିବାର ଦଶହରା ଅନୁଷ୍ଠିତ ହୋଇ ଅପରାଜିତା ପରେ ଚଳିତ ବର୍ଷ ଦୁର୍ଗାପୂଜା ଶେଷ ହେବ । ପଣ୍ଡିତ ହରେକୃଷ୍ଣ ପଣ୍ଡାଙ୍କ ତତ୍ୱାବଧାନରେ ପଣ୍ଡିତ କମଳ ଲୋଚନ ପଣ୍ଡା, ପଣ୍ଡିତ ଅଜୟ କୁମାର ପଣ୍ଡା,ଜଞ୍ଜେଶ୍ୱର ପଣ୍ଡା, ଗୌରୀଶଙ୍କର ଆଚାର୍ଯ୍ୟ ପ୍ରମୁଖ ପଣ୍ଡିତ ମାନେ ପୂଜା କାର୍ଯ୍ୟରେ ନିଯୁକ୍ତିତ ହୋଇଥିବା ବେଳେ ପୂଜା କମିଟିର ସମ୍ପାଦକ ସାମ୍ବାଦିକ ଅଜୟ କୁମାର ସାହୁ,କର୍ତ୍ତା ଅଜିତ କୁମାର ପାତ୍ର,ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ, ବରିଷ୍ଠ ସଦସ୍ୟ ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ପଞ୍ଚାନନ ପଣ୍ଡା, ଅରୁଣ କୁମାର ପାତ୍ର, ସାଧୁ ଭୋଳ, ଭାସ୍କର ଚନ୍ଦ୍ର ସାହୁ, ପ୍ରିୟନାଥ ସେଠୀ, କାଳିଚରଣ ଦେ, ଗୋପାଳ ଚନ୍ଦ୍ର ଜେନା, ପ୍ରାଣକୃଷ୍ଣ ସାହୁ, କମଳା କାନ୍ତ ସାହୁ, ଗିରିଶ ଚନ୍ଦ୍ର ପାତ୍ର, ସୁଶାନ୍ତ ଦାସ, ପ୍ରଦୀପ ଗିରି, ଗିରି, ଲକ୍ଷ୍ମୀକାନ୍ତ ବାରିକ, ଗୌରୀଶଙ୍କର ମଜୁମଦର, ଶିବଶଙ୍କର ମଜୁମଦାର, ବୁଧିରାମ ବେହେରା, ଜଗନ୍ନାଥ ସାହୁ, ମଧୁସୂଦନ ପ୍ରମାଣିକ, ଜଗନ୍ନାଥ ବାରିକ, ସୁଧାକୃଷ୍ଣ ଧଳା,ସୁଦାମ ଚରଣ ଦାସ,ରାମଚନ୍ଦ୍ର ବାରିକ ପ୍ରମୁଖ ମାଆଙ୍କ ପୂଜା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗରେ ପୂଜା ଉତ୍ସବ ଚାଲୁ ରହିଛି । କେଉଁ କାଳରୁ ସ୍ୱାଧୀନତା ପୂର୍ବରୁ ଚଳିଆସୁଥିବା ବାଲିଆପାଳ ସାର୍ବଜନୀନ ଦୁର୍ଗାପୂଜା ଏକ ନିଆରା ଢଙ୍ଗରେ ହୋଇଥାଏ ।ଏଠାରେ ପଞ୍ଚାୟତର ସବୁ ଗ୍ରାମର ଲୋକଙ୍କ ସହଯୋଗରେ ହିନ୍ଦୁ ମାନଙ୍କ ସହିତ ଭାଇଚାରାରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ମଧ ପୂଜାକୁ ସହଯୋଗ କରିଥାନ୍ତି ।ସସଜିତ ବର୍ଷ ସୁନ୍ଦର ପ୍ରତିମା ସହିତ ତୋରଣ ଓ ଆଲୋକ ମାଳାରେ ମଣ୍ଡପ ଝଲସୁଥିବା ଦେଖିବାକୁ ମିଳିଛି ।ସେହିପରି ସିମୁଳିଆ ବଜାରରେ ମଧୁପୁରା ଗ୍ରାମ ପଞ୍ଚାୟତର ଦୁର୍ଗାପୂଜା ଅନୁଷ୍ଠିତ ହେଉଛି ।

## ଭାରସାମ୍ୟ ହରାଇ ଡିଭାଇଡରରେ ପିଟିଲା ବଲେରୋ: ୫ ଗୁରୁତର



ବସ୍ତା, ୧୦/୧୦ (ନି.ପ୍ର): ଜାତୀୟ ରାଜପଥ ବସ୍ତା ଥାନା ରାଜଘାଟ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡିଭାଇଡର ରେ ପିଟି ବଲେରୋ ଭିତରେ ପଶିଲା ଡିଭାଇଡର ପାଞ୍ଚଜଣ ଗୁରୁତର । ସମସ୍ତ ଗୁରୁତରଙ୍କୁ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନିଆଯାଇଥିଲା ।ପରିସ୍ଥିତି ଅଣ ଆୟତ ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରା ଯାଇଛି । ସମସ୍ତଙ୍କ ଘର ପଶ୍ଚିମବଙ୍ଗ ଏଗ୍ରା ଥାନା ଅଞ୍ଚଳର । ସୁଚନା ଅନୁଯାୟୀ ପଶ୍ଚିମବଙ୍ଗ ଆଗ୍ରା ଅଞ୍ଚଳର ୫ ଜଣ ଲୋକ ଭୁବନେଶ୍ୱର ବରମୁଣ୍ଡା ପୂଜା ମଣ୍ଡପ ରେ ଦୁଇ ମାସ ଧରି କାମ କରି ଗତକାଲି ରାତିରେ ଏକ ବୋଲେରୋ ଘରକୁ ଫେରୁଥିବା ବେଳେବସ୍ତାଥାନା ଅଧିନ ୬୦ ନମ୍ବର ଜାତୀୟ ରାଜପଥ ରାଜଘାଟ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଡିଭାଇଡର କୁ ଧକ୍କା ଦେଇଥିଲା, । ତେବେ ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ,ଫଳରେ ବଲେରୋ ଟି ଡିଭାଇଡର ର ପାଖାପାଖି ୨୦ ଫୁଟ ବୋଲେରୋ ଭିତରେ ପସି ଯାଇଥିଲା ଯାହା ଫଳରେ ଗାଡ଼ିରେ ଥିବା ୫ ଜଣ ଗୁରୁତର ଆହତ ହୋଇଛନ୍ତି । ଜଣକର ଅବସ୍ଥା ଅତି ସଙ୍କଟାପନ୍ନ ଥିବା ଜଣାପଡିଛି ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଉତ୍ସବ



ବାସୁଦେବପୁର, ୧୦/୧୦ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅଧ୍ୟାପକ ବସନ୍ତ କୁମାର ଦାସ । ଅଧ୍ୟାପକ ପାର୍ଥ ସାରଥୀ ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଓ ସମସ୍ତ ଙ୍କୁ ନୂତନ ଦିଗ ଦର୍ଶନ ଦେବା ସହିତ ଯୁବ ପିଢ଼ି ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ବାସୁଦେବପୁର ନଗର କାର୍ଯ୍ୟ ବାହ ରଶ୍ମି ରଞ୍ଜନ ପଲେଇ ମଞ୍ଚ ସଂଯୋଜନା କରିଥିଲେ । ଏହି ଉତ୍ସବରେ ନକୁଳ ଚରଣ ବାରିକ୍, ଜୟ ପ୍ରକାଶ ମଲ୍ଲିକ, ବିଭୂତି ପାଣିଗ୍ରାହୀ,ନାରାୟଣ ମହାକୁଡ, ଅଶୋକ ସାହୁ, ଉଦୟ ନାରାୟଣ ମଲ୍ଲିକ, ନୀରଦ ଦାଶ, ସୁବ୍ରତ ଧଳ, ଶଶାଙ୍କ ଶେଖର ସାମଲ, ଗୌତମ ଦାସ, ଜୟନ୍ତ ମଲ୍ଲିକ, ସୁବାସ ବେହେରା ପ୍ରମୁଖ ବହୁ ସ୍ୱୟଂ ସେବକ ଯୋଗ ଦେଇଥିଲେ । ସମସ୍ତ ସ୍ୱୟଂ ସେବକ ପ୍ରାର୍ଥନା କରିଥିଲେ ଓ ଦେଶ ପ୍ରେମ, ଜାତୀୟତା ବୋଧ ଓ ରାଷ୍ଟ୍ରୀୟ ଚିନ୍ତାଧାରା କୁ ସମ୍ମାନ ଦେଇଥିଲେ । ଡକ୍ଟର କେଶବ ବଳିରାମ ହେଡଗେ ୱାର, ଡକ୍ଟର ଗୁରୁଜୀ ଓ ଭାରତ ମାତା ଙ୍କ ଫଟୋ ଚିତ୍ରରେ ସମସ୍ତେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ।

## ବାଲିଆପାଳର ନୂଆ ବିଡ଼ିଓଙ୍କୁ ଭବ୍ୟ ସ୍ୱାଗତ



ବାଲିଆପାଳ , ୧୦/୧୦ (ନି.ପ୍ର): ଅନେକ ହଁ ନାହିଁ ମଧରେ ଅନ୍ତତଃ ବୁଧବାର ଦିନ ଶ୍ରୀମତୀ ପୁନମ୍ ରାଉତ ବାଲିଆପାଳର ନୂତନ ବ୍ଲକ ଉନ୍ନୟନ ଅଧିକାରୀ (ବିଡ଼ିଓ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବତନ ବିଡ଼ିଓ ବିନୋଦ କୁମାର ପଣ୍ଡା ଗତ ଶନିବାର ଦିନ ବିଦାୟ ନେଲା ପରେ ନୂଆ କେହି ଆସିବେ କି ନାହିଁ ବୋଲି ବିଭିନ୍ନ ମହଲରେ ଅନେକ ପ୍ରକାର ଚର୍ଚ୍ଚା ମୁଣ୍ଡ ଟେକି ଥିଲା । କିନ୍ତୁ ସମସ୍ତ ଆଶଙ୍କାର ଅନ୍ତ ଘଟାଇ ଶ୍ରୀମତୀ ପୁନମ୍ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱରେ ଯୋଗ ଦେଲା ପରେ ବ୍ଲକର ସମସ୍ତ ବିଭାଗର କର୍ମଚାରୀମାନେ ତାଙ୍କ ପ୍ରକୋଷ୍ଠରେ ଫୁଲତୋଡ଼ା ଦେଇ ତାଙ୍କର ଭବ୍ୟ ସ୍ୱାଗତ କରିଥିଲେ । ତାଙ୍କ ବ୍ୟତୀତ କେତେକ ରାଜନୈତିକ ଦଳର ସଦସ୍ୟ ଓ ବାଲିଆପାଳର ଅନେକ ଅଣରାଜନୈତିକ ସଂଗଠନର ସଦସ୍ୟ ମଧ ଫୁଲତୋଡ଼ା ଦେଇ ତାଙ୍କର ସ୍ୱାଗତ କରିଥିଲେ । ବିଶେଷକରି ତାଙ୍କ ସହ ସାକ୍ଷାତ କରିବା ପାଇଁ ସାମ୍ବାଦିକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସମସ୍ତଙ୍କ ସହଯୋଗରେ ବାଲିଆପାଳର ଜନ ସାଧାରଣଙ୍କର ସମସ୍ୟାର ସମାଧାନ କରି ଜନ ହିତରେ କାର୍ଯ୍ୟ କରିବେ ବୋଲି ସାମ୍ବାଦିକଙ୍କୁ ନୂତନ ବିଡିଓ କହିଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ପାର୍ସୀ ରୀତିନୀତିରେ...

ତ୍ୟାଗ କରିଥିଲେ ରତନ ଟାଟା । ବାର୍ଦ୍ଧକ୍ୟ ଜନିତ ରୋଗ କାରଣରୁ ତାଙ୍କର ମୃତ୍ୟୁ ଘଟିଛି । ମୃତ୍ୟ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା । ସେ ଭାରତୀୟ ଶିଳ୍ପ ଏବଂ ବ୍ୟବସାୟ କ୍ଷେତ୍ରରେ ଏକ ପ୍ରତିଷ୍ଠିତ ଚେହେରା ଥିଲେ । ବହୁ ବିଶିଷ୍ଟ ବ୍ୟକ୍ତି ରତନ ଟାଟାଙ୍କୁ ଅନ୍ତିମ ବିଦାୟ ଦେଇଛନ୍ତି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ ଉପସ୍ଥିତ ଥିଲେ ।

### ଦକ୍ଷିଣ କୋରିଆର ଲେଖିକା...

ଉଲ୍ଲେଖ ଥାଉ କି ୨୦୨୪ ନୋବେଲ ପୁରସ୍କାର ପାଇଁ ଗତ ସୋମବାରଠାରୁ ଘୋଷଣା ଆରମ୍ଭ ହୋଇଛି ଏବଂ ଭିକ୍ଟର ଆମ୍ବ୍ରୋସ୍ ଓ ଗ୍ୟାରି ରୁଭକୁନ୍ ମେଡିସିନ୍ ପୁରସ୍କାର ଜିତିଛନ୍ତି । ମେସିନ୍ ଲର୍ଣ୍ଣିଂର ଦୁଇ ପ୍ରତିଷ୍ଠାତା ଜନ୍ ହପ୍‌ଫିଲ୍ଡ ଓ ଜେଫ୍ରି ହିଣ୍ଟନ୍ ପଦାର୍ଥବିଜ୍ଞାନ ପୁରସ୍କାର ଜିତିଛନ୍ତି । ଆସନ୍ତାକାଲି ନୋବେଲ ଶାନ୍ତି ପୁରସ୍କାର ଏବଂ ଅକ୍ଟୋବର ୧୪ରେ ଅର୍ଥନୀତି ପୁରସ୍କାର ଘୋଷଣା କରାଯିବ । ଗତକାଲି ରସାୟନ ବିଜ୍ଞାନରେ ତିନିଜଣ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା । ପ୍ରୋଟିନ୍ ଗଠନର ପୂର୍ବାନୁମାନ ନିମନ୍ତେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ପାଇଁ ଡେଭିଡ୍ ବେକର, ଡେମିସ୍ ହାସାବିସ୍ ଏବଂ ଜନ୍ ଏମ୍ ଜମ୍ପରଙ୍କୁ ରୟାଲ ସୁଇଡିଶ ଏକାଡେମି ଅଫ୍ ସାଇନ୍ସ ଦ୍ୱାରା ରସାୟନବିଜ୍ଞାନରେ ନୋବେଲ ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇଥିଲା ।


### ଟାଙ୍ଗୀ-ସାଲେପୁର ଲୋକଙ୍କ ସହ....

୨୫ ବର୍ଷ ହେଲା ଯୋଡିହୋଇ ରହିଛି, ଆଗାମୀ ଦିନରେ ମଧ ସେମାନଙ୍କ ଋଣ ସୁଝିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି । ନିର୍ବାଚନ ପୂର୍ବରୁ ବିଜେଡିକୁ ଆସି ସେ କଟକ-ବାରବାଟୀ ଆସନରୁ ଟିକେଟ ହାତେଇଥିଲେ । ୨୦୧୪ରେ ସାଲେପୁରରୁ କଂଗ୍ରେସ ଟିକେଟ୍ ?ରେ ଜିତିଥିଲେ । ପରେ କଂଗ୍ରେସରୁ ବିଜେପି ଯାଇ ସେଠୁ ବିଜେଡିକୁ ଯାଇଥିଲେ ପ୍ରକାଶ । ତେବେ ପ୍ରକାଶଙ୍କ ଇସ୍ତଫା ନେଇ ବିଜେଡିର ପ୍ରତିକ୍ରିୟା ମିଳିପାରିନି ।

### ବିଜେଡି ଛାଡ଼ିଲେ...

ମଣ୍ଡପରେ ଯଥାରୀତି ପୂଜାର୍ଚ୍ଚନା ପରେ କଳସ ସ୍ଥାପନ କରାଯାଇଥିଲା । ତାପରେ ମା'ଙ୍କର ଚକ୍ଷୁ ଦାନ ଓ ନବପତ୍ରିକା ପୂଜା କରାଯାଇଛି । ଦଶହରା ପାଇଁ ପ୍ରସିଦ୍ଧି ଲାଭ କରିଥିବା କଟକ ସହରରେ ଜମିଲାଣି ଶ୍ରଦ୍ଧାଳୁଙ୍କ ଭିଡ଼ । ପରିବାର ସହ ପୂଜା ମଣ୍ଡପ ଗୁଡିକ ବୁଲୁଛନ୍ତି ଲୋକେ । ମୃଣ୍ମୟୀ ମୂର୍ତ୍ତି ଗୁଡିକ ଯେମିତି ମନଲୋଭା ହୋଇଛି, ତୋରଣ ଓ ସାଜସଜ୍ଜା ସେତିକି ସୁନ୍ଦର ଓ ଆକର୍ଷଣୀୟ ହୋଇଛି । ସନ୍ଧ୍ୟା ହେଲେ ଝଲସୁଛି ମଣ୍ଡପ । ସେହିପରି ରାଜଧାନୀ ଭୁବନେଶ୍ୱରରେ ମଧ ପୂଜା ମଣ୍ଡପ ଗୁଡିକରେ ହଜାର ହଜାର ଲୋକଙ୍କ ଗହଳି । ବିଭିନ୍ନ ମଣ୍ଡପରେ ସାଜସଜା, ଲାଇଟ୍, ତୋରଣ ସବୁକିଛି ମନ ଛୁଆଁ ହୋଇଛି । କାମ୍ବୋଡ଼ିଆ ସହରର ଭ୍ରମ ସୃଷ୍ଟି କରୁଥିବା ଏ ଚିତ୍ର ଭୁବନେଶ୍ୱରର ଷ୍ଟେସନ୍ ବଜାର ମଣ୍ଡପର । କାମ୍ବାଡ଼ିଆ ସହରରେ ଥିବା କିଛି ପୁରାତନ ମନ୍ଦିର ସହିତ କାମ୍ବୋଡ଼ିଆର ଜଙ୍ଗଲ, ନଈ, ବ୍ରିଜ୍ ଓ ଅନେକ ହିନ୍ଦୁ ଦେବାଦେବୀଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନ ଦେଇଛି କମିଟି । ପାର୍ବଣରେ ଉତ୍ସବମୁଖର ଶ୍ରୀକ୍ଷେତ୍ର । ଆଜି ସପ୍ତମୀ ଅବସରରେ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ତ୍ରିଦିନାତ୍ମକ ଗୋସାଣୀ ପୂଜା । ନିର୍ଦ୍ଦିଷ୍ଟ ପରମ୍ପରାକୁ ଅବଲମ୍ବନ କରି ମା'ଙ୍କର ପୂଜାର୍ଚ୍ଚନା କରାଯାଏ । ପରମ୍ପରା ଅନୁଯାୟୀ, ମା' ବିମଳାଙ୍କୁ ଏହି ଷୋଳପୂଜା ସମୟରେ ବିଭିନ୍ନ ବେଶ କରାଯାଏ । ସପ୍ତମୀ ତିଥିରୁ ଶ୍ରୀମନ୍ଦିରରେ ମା' ବିମଳାଙ୍କ ଗୁପ୍ତ ପୂଜାର ପରମ୍ପରା ଥିବାରୁ ମା'ଙ୍କ ସ୍ୱରୂପ ଭାବେ ଶ୍ରୀମନ୍ଦିର ବାହାରେ ଥିବା ମା' କାକୁଡ଼ିଖାଇଙ୍କୁ ଭକ୍ତମାନେ ଦର୍ଶନ କରି ସେହି ପୁଣ୍ୟ ଲାଭ କରିଥାନ୍ତି । ଆସନ୍ତାକାଲି ମହାଷ୍ଟମୀରେ ବିଭିନ୍ନ ପୂଜା ମଣ୍ଡପରେ ପାଣି କଖାରୁ ବଳି ଦେବା ପରମ୍ପରା ରହିଛି । ସେପଟେ ଶକ୍ତିପୀଠରେ କାଲି ହେଉଛି ମହାନବମୀ ।

# ୭୦ ତମ ବନ୍ୟପ୍ରାଣୀ ସପ୍ତାହରେ ସ୍ମୃତି ରଞ୍ଜନ ପାଣି ସମ୍ବର୍ଦ୍ଧିତ




ରାଇରଙ୍ଗପୁର , ୧୦/୧୦ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ପକ୍ଷରୁ ୭୦ ତମ ବନ୍ୟପ୍ରାଣୀ ସପ୍ତାହ ଜିଲ୍ଲା ବନଖଣ୍ଡ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ବାରିପଦା ବନଖଣ୍ଡ ଅଧିକରୀ ଉମାମହେଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭବେ ଜଙ୍ଗଲ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗ ଦେଇ ବହଳଦା ବ୍ଲକର ଝରାଡ଼ିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସ୍ମୃତି ରଞ୍ଜନ ପାଣିଙ୍କୁ ଚଳିତ ବର୍ଷ ପାଇଁ 'ପ୍ରକୃତି ବନ୍ଧୁ' ଭାବେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ଶ୍ରୀ ପାଣି ବାମନଘାଟି ଉପଖଣ୍ଡର ବିଭିନ୍ନ ବ୍ଲକରେ ଗଛ ଲଗାଇବା ସହିତ ଗଛର ସୁରକ୍ଷା ନେବା ପାଇଁ ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ ମଧ କରୁଛନ୍ତି ଓ କରୋନା ସମୟ ଠାରୁ ଆରମ୍ଭ କରି ଚଳିତ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମଧ ଜାରି ରଖିଛନ୍ତି ଓ ବର୍ତମାନ ଶ୍ରୀ ପାଣି ଜିଲ୍ଲା ଜୁନିୟର ରେଡ୍ କ୍ରସ୍ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ସହିତ ଝରାଡ଼ିହି ସରକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଭାବେ କାର୍ଯ୍ୟ କରୁଛନ୍ତିଓ ଏଥିପାଇଁ ଶ୍ରୀ ପାଣି ବହଳଦା ରେଞ୍ଜ ଅଧିକାରୀ ସୁମତି ପାତ୍ର, ହେମନ୍ତ କୁମାର ହେମ୍ବ୍ରମ, ବିଇଓ ଶୁଭଶ୍ରୀ ସିଂ,ଏବିଇଓ ଭୁତନାଥ ସିଠ ଓ ଦେବେନ୍ଦ୍ର କୁମାର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତିଓ ସୂଚନାଯୋଗ୍ୟ ଶ୍ରୀ ପାଣି ପୂର୍ବରୁ କରୋନା ଯୋଦ୍ଧା, ରକ୍ତଦାତା, ପ୍ରାଥମିକ ଚିକିତ୍ସା ସହାୟତା ପ୍ରମୁଖ ଓଡିଶା ସରକାର ଓ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି ।

# ବାମପନ୍ଥୀ ନେତାଙ୍କ ବିୟୋଗ

ଜଳେଶ୍ୱର, ୧୦/୧୦ (ନି.ପ୍ର): ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଆଞ୍ଚଳିକ ସଦସ୍ୟ, ଓଡିଶା କ୍ଷେତମଜଦୁର ୟୁନିଅନର ରାଜ୍ୟ କମିଟି ସଭ୍ୟ ଏବଂ ଜଳେଶ୍ୱର ବ୍ଲକ ସମ୍ପାଦକ କମ୍ରେଡ୍ ସେକ୍ ଅବଦୁଲ ସାଦ୍ଦିକ ଆଜି ହଟାତ୍ ହୃଦଘାତ ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଜଣେ ଗରିବ ସଂଖ୍ୟାଲଘୁ ସାମ୍ପ୍ରଦାୟରୁ ଆସି ସମସ୍ତ ପ୍ରକାର ଅନ୍ଧ ବିଶ୍ୱାସ ଓ କୁସଂସ୍କାରକୁ ଛାଡି ଆଦର୍ଶ ଗତ ଭାବରେ ଜଣେ ଆଗଧାଡିର ନେତା ଥିଲେ । ପୁରା ପରିବାରକୁ କମ୍ୟୁନିଷ୍ଟ ଆଦର୍ଶରେ ଗଢ଼ି ତୋଳିଥିଲେ । ତାଙ୍କ ମୃତ୍ୟୁ ଶ୍ରମଜୀବୀ ଜନସାଧାରଣ ଏବଂ ପାର୍ଟି ପାଇଁ ଅପୂରଣୀୟ କ୍ଷତି । ସେ ଜଣେ ନିର୍ଭିକ ଭଦ୍ର, ଅମାୟିକ, ପରୋପକାରୀ ମେଳାପୀ ବ୍ୟକ୍ତିତ୍ୱରା ସାଥୀ ଥିଲେ ତାଙ୍କ ମର ଶରୀର ନାମ୍ଭୋ ନିଜ ବସଭାବନରେ ପହଁଚିଲା ପରେ ପାର୍ଟି ନେତା ଦିଲ୍ଲୀପ କୁମାର ଗିରି, ଶିଶିର ହୁଇ, ପଲଟୁ ଦାସ, ଦିଲ୍ଲୀପ ପରିଡା,ସୀତାଂଶୁ ସେନାପତି,ଚନ୍ଦନ କାମିଲା, ଜୀବନ ପରିଡା, ଗଣେଶ ପାତ୍ର,ମମି ପଣ୍ଡା, ରାଜୀବ ଲୋଚନ ପଣ୍ଡା, ସେକ ଜମିରୁଦ୍ଦିନ, ସେକ ସୀତାରୁଦ୍ଦିନ, ଉପେନ୍ଦ୍ର ପରିଡା, ସତ୍ୟବ୍ରତ ଜେନା, ମିର ସହିମଲ ଅଲ୍ଲୀ, ସେକ ସାଲୁମୁଦ୍ଦିନ, ସେକ ଦଫାର, ସେକ ରହିମ, ଅଶୋକ ଘଡ଼ାଇ, ଧୀରେନ୍ଦ୍ର ରାମ, ମଦନ ମହାଲ୍ଲୀ, ଶହସ୍ରାଦିକ ସମର୍ଥକ, ପରିବାର ଜନ ଓ ସାଥିମାନେ ପାର୍ଟି ତରଫରୁ ମର ଶରୀରରେ ଲାଲ ପତାକା ଦେଇ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସଙ୍ଗେ ସଙ୍ଗେ ତାଙ୍କ ପରିବାରକୁ ଏଭଳି ଦାରୁନ ଦୁଃଖ ସମୟରେ ଗଭୀର ସମ ବେଦନା ଜ୍ଞାପନ କରାଯାଇଛି ।

# ଜଳେଶ୍ୱର ଅଞ୍ଚଳରେ ମହାସପ୍ତମୀ ପୂଜା ଅନୁଷ୍ଠିତ

ଜଳେଶ୍ୱର ୨୦/୧୦(ନିପ୍ର) ଦୁର୍ଗତିନାସିନି ମା ଦୁର୍ଙ୍ଗା ଙ୍କ ର ମହା ସପ୍ତମୀ ପୁଜା ପାଳିତ ହେଲା ମହା ଆଡ଼ମ୍ବରରେ ପାଳିତ ହେଲା ଜଳେଶ୍ୱର ବ୍ଲକ୍ ରେ ମହା ଆଡ଼ମ୍ବରରେ ପାଳିତ ହେଲା ମହା ସପ୍ତମୀ ପୂଜା । ସୁଚନା ଅନୁସାରେ ଜଳେଶ୍ୱର ବ୍ଲକ୍ ଅଞ୍ଚଳ ରେ ୩୨ ଟି ଯଥା ଜଳେଶ୍ୱର ବସ ଷ୍ଟାଣ୍ଡ, ହାଟ ଛକ,ନୁଆବଜାର, ବାଘାବାଳି, ଲକ୍ଷ୍ମଣନାଥ, ବର୍ତନା, ଲାମ୍ପ, ପାଟଣା, ଏକତାଳି, ଚୋମୌଜ,ପଶ୍ଚିମ ବାର୍ଡ କୋଟସାହି,ଏବଂ ରାଇବଣିଆ ଅଂଚଳ ରେ ଖୁଆଡ, ରାଇବଣିଆ, ଓଲମାରା, କୁଆଁର ପୁର, ଗଡ ସାହି, କାଳିକ, ପୁରୁଣା ପାଣି, ପ୍ରହରାଜ ପୁର, ଆଶାବନ୍ଧ, ହାତୀଗଡ କୁ ନେଇ ୯ ଟି ପୂଜା ମଣ୍ଡପ ରେ ମହା ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଉଛି । ଏହି ମହା ସପ୍ତମୀ ପୂଜା ଚଳଚଞ୍ଚଳ ହୋଇ ଉଠିଛି ସମଗ୍ର ପୂଜା ମଣ୍ଡପ । ରୀତି ନୀତି ଅନୁସାରେ ସମଗ୍ର ପୂଜା ଅନୁଷ୍ଠିତ ହେଉଛି । ସବୁଠାରେ ଶାନ୍ତି ଶୃଙ୍ଖଳା ସହିତ ପୂଜା ଅନୁଷ୍ଠିତ ପାଇଁ ରାଇବଣିଆ ଏବଂ ଜଳେଶ୍ୱର ପୋଲିସ ସଜାଗ ରହିଛି ।

Government of Odisha

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (MMKY)

ମତ୍ସ୍ୟ କ୍ଷେତ୍ର ସହିତ ଜଡ଼ିତ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଆବର୍ତ୍ତି ପୁଞ୍ଜିର ବ୍ୟବସ୍ଥା

ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯେଉଁମାନେ ଗ୍ରାମ ପଞ୍ଚାୟତ ପୋଖରୀ /ଜୈବ ପୁଞ୍ଜ କୁଣ୍ଡରେ ମାଛଚାଷ କରୁଛନ୍ତି, ମାଛ ବ୍ୟବସାୟ, ମାଛ ରୁ ମୂଲ୍ୟଯୁକ୍ତ ଉତ୍ପାଦ, ଶୁଖୁଆ ପ୍ରସ୍ତୁତି ଓ ଅନ୍ୟାନ୍ୟ ମତ୍ସ୍ୟ ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ ଅଛନ୍ତି ସେମାନେ ସାଧାରଣତଃ ଆବଶ୍ୟକୀୟ ଦ୍ରବ୍ୟ କ୍ରୟ କରିବା ପାଇଁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ତେଣୁ ସେମାନେ ବ୍ୟକ୍ତିଗତ ଉତ୍ସରୁ ଋଣ ଆଣିଥାନ୍ତି ।
ଏହି ସମସ୍ୟାକୁ ଦୂର କରିବା ପାଇଁ ଆବର୍ତ୍ତି ପୁଞ୍ଜି ଆବଶ୍ୟକ ଅଟେ ।
ଏହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ଓ ମତ୍ସ୍ୟ ସମ୍ପର୍କିତ କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥାଏ ତଥା ଆର୍ଥିକ ଭାବେ ସହାୟତା ଯୋଗାଇ ଦିଆଯାଇଥାଏ ।

ମିଳୁଥିବା ସହାୟତା

ପ୍ରତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଟ ୧୦,୦୦୦/- ଟଙ୍କା ର ଆବର୍ତ୍ତି ପୁଞ୍ଜି ଗୋଟିଏ ଥର ପାଇଁ ପ୍ରଦାନ କରାଯାଏ ।

ସହାୟତା ପାଇବାପାଇଁ ନିୟମାବଳୀ

କ. ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିଶ୍ଚିତ ଭାବେ ମାଛ ଚାଷ, ମାଛ ରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି, ମତ୍ସ୍ୟ ବ୍ୟବସାୟ, ଜୈବ ପୁଞ୍ଜ କୁଣ୍ଡରେ ମାଛଚାଷ, ରଙ୍ଗୀନ ମାଛ ଚାଷ, ଚିଙ୍ଗୁଡ଼ି ଚାଷ କିମ୍ବା ଅନ୍ୟାନ୍ୟ ମତ୍ସ୍ୟ ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ ଥିବା ଆବଶ୍ୟକ ।
ଖ. ଉକ୍ତ ଗୋଷ୍ଠୀଙ୍କର ଏକ ବ୍ୟାଙ୍କ ଖାତା ଓଡ଼ିଶାରେ ରହିଥିବା ଆବଶ୍ୟକ ।
ଗ. ସେମାନେ ପୂର୍ବରୁ ଏହିପରି ଆର୍ଥିକ ସହାୟତା ମତ୍ସ୍ୟ କ୍ଷେତ୍ର ରେ ପାଇନଥିବା ଜରୁରୀ ।
ଘ. ଉପରୋକ୍ତ ଗୋଷ୍ଠୀ ଗ୍ରାମପଞ୍ଚାୟତରେ ମାଛ ଚାଷ ପାଇଁ ଇନପୁଟ ସହାୟତା ପାଉଥିଲେ ଏହି ଆବର୍ତ୍ତି ପୁଞ୍ଜି ପାଇଁ ଯୋଗ୍ୟ ହୋଇପାରିବେ ନାହିଁ ।



ଅଧିକ ବିବରଣୀ ଓ ସହାୟତା ନିମନ୍ତେ ବ୍ଲକରେ ଅବସ୍ଥାପିତ ସହକାରୀ ମତ୍ସ୍ୟ ଅଧିକାରୀ କିମ୍ବା ଜିଲ୍ଲା ମତ୍ସ୍ୟ ଅଧିକାରୀ, ବାରିପଦା, ମୟୂରଭଂଜଙ୍କ ସହିତ ଯୋଗାଯୋଗ କରନ୍ତୁ ।

—— ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର ——

ଶୁକ୍ରବାର, ୧୧ ଅକ୍ଟୋବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ନୂତନ ଛାତ୍ରସଂସଦ କର୍ମକର୍ତ୍ତାଙ୍କର ଶପଥ ଗ୍ରହଣ

ବାରିପଦା, ୧୦/୧୦ (ନି.ପ୍ର): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ର ୨୦୨୪-୨୫ ଶିକ୍ଷା ବର୍ଷର ଛାତ୍ର ସଂସଦ ନୂତନ କର୍ମକର୍ତ୍ତା ଙ୍କୁ ଅଧକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ, ପଦ ଓ ଗୋପନୀୟତା ର ଶପଥ ପାଠ କରାଇଛନ୍ତି । ଛାତ୍ର ସଂସଦ ଉପଦେଷ୍ଟା ଡକ୍ଟର ସରୋଜ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମନୋନୟନ ପ୍ରକ୍ରିୟା ରେ ଅଧିକାରୀ ଭାବେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, କେ ଲକ୍ଷ୍ମୀ ସେନାପତି, ସରୋଜ ଦାସ, ଉମେଶ ଚନ୍ଦ୍ର ମାଝୀ, ସନ୍ଦୀପ ସିଂ ଯୋଗ ଦେଇ କର୍ମକର୍ତ୍ତାଙ୍କୁ ସର୍ବସାମ୍ମତି କ୍ରମେ ମନୋନୀତ କରିଥିଲେ। ଏବର୍ଷ ପାଇଁ ମହାବିଦ୍ୟାଳୟ ର ସଭାପତି ଭାବେ ଓମପ୍ରକାଶ ବେହେରା, ଉପସଭାପତି ଭାବେ ବଳରାମ ବେସରା, ସାଧାରଣ ସମ୍ପାଦକ, ବବିତା ବେହେରା ସହ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ନାୟକ ଶପଥ ଗ୍ରହଣ କରିଛନ୍ତି । ସେହିପରି ବିଭିନ୍ନ ଅନ୍ୟ ବିଭାଗ ଗୁଡ଼ିକରେ ସମ୍ପାଦକ ଭାବେ, ପ୍ରଦୀପ ନାଏକ, ଶୁଭକାନ୍ତ ମହାନ୍ତି, ସନ୍ତୋଷ ସାହୁ ଜଗନ୍ନାଥ ସେଠୀ, ଶିଖ୍ଷସନମ ବେଉରା, ଲିଲିରାଣୀ ଜେନା, ନିତୁ ମହାନ୍ତ, ହେମାନନ୍ଦ ହେମ୍ବ୍ରମ, ଘାସିରାମ ମୁଣ୍ଡା, ସରୋଜ କୁମାର ଖଟୁଆ ଶପଥ ଗ୍ରହଣ କରିଥିବା ବେଳେ ସହ ସମ୍ପାଦକ ଭବେ ଶୁଭଶ୍ରୀ ପାଢ଼ୀ, ବିଶ୍ୱଜିତ ମହାରଣା, ପୂଜା ସାମନ୍ତରାୟ, ଇନ୍ଦ୍ରାବତୀ ସିଂ, ବିଶ୍ୱରଂଜନ ସାହୁ, ରୁଦ୍ରମାଧବ ଦାସ, ଶୁଭଶ୍ରୀ ସାହୁ, ବିଶ୍ୱଜିତ ପାଢ଼ୀ, ସମୀର କୁମାର ବେହେରା, ସୁପ୍ରିୟା ସାହୁ ଶପଥଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମ ପରିଚାଳନା ରେ ସହକାରୀ ପ୍ରଫେସର ରାଜକିଶୋର ରାଉଳ, ନବିନ ନାଏକ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ୨୦୨୪ ପାଳିତ



ବାଲେଶ୍ୱର, ୧୦/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ଆଜି ପୂର୍ବାହ୍ନ ଘ. ୧୧ ମି ସମୟରେ ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ସଦର ବିଧାୟକ ଶ୍ରୀ ମାନସ ଦତ୍ତ, ମାନ୍ୟବର ଅଧକ୍ଷ ଜ଼ିଲ୍ଲାପରିଷଦ ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ, ବାଲେଶ୍ୱର ନାରୀସଂଘ ସଭାପତି ଗୋପାମୁଦ୍ରା ମହାପାତ୍ର, ସଭାପତି ବିଏଡିସି ଶ୍ରୀ ଗୋପାଳ କୃଷ୍ଣ କର, ଶିଶୁ ମଙ୍ଗଳ ସମିତି ସଦସ୍ୟ ଶ୍ରୀ ଶତ୍ରୁଘ୍ନ ମଲ୍ଲିକ ଏବଂ ଶ୍ରୀମତୀ ଅନିତା କର, ପ୍ରକଳ୍ପ ଅଧିକାରୀ ସଦର ଶ୍ରୀମତୀ ସୁବର୍ଣ୍ଣମଣି ବେହେରା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଦେବାଙ୍ଗନା ବାରିକ ସଭା ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ଶପଥ ପାଠ ହେବା ସହିତ ଦସ୍ତଖତ ଅଭିଯାନର ଶୁଭାରମ୍ଭ କରାଯାଇଥିଲା ଓ ଉକ୍ତ ସଭାରେ ମଞ୍ଚାସୀନ ଅତିଥିମାନେ କନ୍ୟା ସନ୍ତାନ ମାନେ କିପରି ସମାଜରେ ଆଗକୁ ଆସି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ସେ ସମ୍ପର୍କରେ ବାର୍ତ୍ତା ଦେଇଥିଲେ ଓ ସମାଜ ତଥା ପରିବାରରେ ଲିଙ୍ଗଗତ ବୈଷମତାକୁ ଦୂର କରି କିପରି ସବୁ ଝିଅମାନେ ପାଠ ପଢି ଆଗକୁ ଯାଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଠାରେ ପ୍ରକାଶ ଥାଉ କି ପ୍ରତି ବର୍ଷ ଅକ୍ଟୋବର ୧୧ ତାରିଖରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ କରାଯାଇ ଥାଏ।ଏହି ଅବସରରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨ ଠାରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଜିଲ୍ଲାର ପ୍ରତ୍ୟେକ ଅଙ୍ଗନବାଡି, ବ୍ଲକ ଏବଂ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହି ଅଛି।

# ନୀଳଗିରି କଚେରୀ ବଜାର ଦୁର୍ଗାପୂଜାକୁ ପୁରିଲା ପଚସ୍ତରୀ ବର୍ଷ

## କମିଟି ପକ୍ଷରୁ ୪ଦିନ ଧରି ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା



ନୀଳଗିରି , ୧୦/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଗଡ଼ଜାତ ମାଟି ନୀଳଗିରି କଚେରୀ ବଜାର ଦୁର୍ଗାପୂଜା ବହୁ ପୁରାତନ ଅନୁଷ୍ଠାନ। ରାଜାରାଜୁଡ଼ା ଅମଳରୁ ଏଠି ମା ଦୁର୍ଗାଙ୍କୁ ପୂଜା କରାଯାଉଥିବାର ଶୁଣିବାକୁ ମିଳେ ।ଜଙ୍ଗଲ ଘେରା ଆଦିବାସୀ ବହୁଳ ଅଞ୍ଚଳରେ ଏହି ଦୁର୍ଗାପୂଜା ନିଆରା। ଅଦ୍ୟ ଗୁରୁବାର ଦେବୀପୀଠରେ ଅଷ୍ଟମୀପୂଜା ପାଳନ କରାଯାଉଥିବା ବେଳେ ମଣ୍ଡପ ଗୁଡିକରେ ସପ୍ତମୀପୂଜା ପାଳନ କରାଯାଉଥିବା ଦେଖିବାକୁ ମିଳିଛି। କଚେରୀ ବଜାର ଦୁର୍ଗାପୂଜା କମିଟି ବହୁ ପୁରାତନ ଅନୁଷ୍ଠାନ ଭାବେ ବାଲେଶ୍ୱର ଜିଲ୍ଲାରେ ସ୍ଥାନ ପାଇଛି। ସପ୍ତମୀ ଦିନ ଠାରୁ ମା ଦୁର୍ଗାଙ୍କୁ ଆଡମ୍ବର ପୂର୍ଣ୍ଣ ଭାବେ ରୀତିନୀତି ଅନୁସାରେ ମା ଦୁର୍ଗାଙ୍କୁ ପୂଜା କରାଯାଇଥାଏ। ପ୍ରଥମେ ଏଠିକାର ବହୁ କମ୍ ଦୋକାନୀ ଦୁର୍ଗାଙ୍କ ଫଟୋ ରଖି ପୂଜା ଆରମ୍ଭ କରିଥିଲେ। ସେମାନେ ଆଜି ନାହାନ୍ତି ସତ ହେଲେ ସେମାନଙ୍କର ଆବହମାନରେ ଉକ୍ତ ପରମ୍ପରାକୁ ବଜାଇ ରଖିଛନ୍ତି ନୀଳଗିରିର ଦୁର୍ଗା ଭକ୍ତ ମନୋରଞ୍ଜନ ବିଶ୍ୱାଳ ଓରଫ୍ ମନୁ ଭାଇ। ଆଜକୁ ୫୫ବର୍ଷ ଧରି ମନୁ ଭାଇ ଦୁର୍ଗା କମିଟିର ସମସ୍ତ ସଦସ୍ୟ ମାନଙ୍କୁ ଏକ କରି ବହୁ ଆଡମ୍ବର ପୂର୍ଣ୍ଣ ଭାବେ ମା ଦୁର୍ଗାଙ୍କ ପୂଜା ପାଳନ କରାଯାଉଥିବାର ଦେଖିବାକୁ ମିଳିଛି। ବହୁ ଉଚ୍ଚତୋରଣ ସାଂଗକୁ ରଙ୍ଗୀନ ଆଲୋକ ମାଳାରେ ଝଲସି ଉଠୁଛି ଦୁର୍ଗାମଣ୍ଡପ। ମଣ୍ଡପ ନିକଟରେ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତଙ୍କୁ ମଧରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥାଏ। କମିଟିର ସଭାପତି ମନୋରଂଜନ ବିଶ୍ୱାଳଙ୍କ ଉଦ୍ୟମରେ ଉକ୍ତ ଦୁର୍ଗାପୂଜା ଏହାର ସ୍ୱର୍ଣ୍ଣଜୟନ୍ତୀ ଦୀର୍ଘ ୧୦ଦିନ ଧରି ବହୁ ଆଡମ୍ବର ପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା। ପ୍ରତି ବର୍ଷ ସପ୍ତମୀ ଦିନ ଠାରୁ ଦଶହରା ପର୍ଯ୍ୟନ୍ତ ଦୈନିକ ପାଖାପାଖି ଏକ ହଜାରରୁ ଅଧିକ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥାଏ। ମା ଙ୍କ କୃପାରୁ ପ୍ରତିବର୍ଷ ପରି ଚଳିତବର୍ଷ ମଧ ଶାନ୍ତିଶୃଙ୍ଖଳା ସହିତ ପୂଜାପାଳନ କରାଯାଉଥିବାର ପ୍ରକାଶ କରିଛନ୍ତି ସଭାପତି ମନୋରଞ୍ଜନ ବିଶ୍ୱାଳ। ଏଥିସହିତ ଦୈନନ୍ଦିନ ସନ୍ଧ୍ୟାରେ ମା'ଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ବଞ୍ଚିଥିବା ପର୍ଯ୍ୟନ୍ତ ମା ଦୁର୍ଗାଙ୍କ ପୂଜା କରିବି ବୋଲି କମିଟିର ସଭାପତି ମନୋରଂଜନ ବିଶ୍ୱାଳ ସୂଚନା ଦେଇଛନ୍ତି।

# ଭାଲୁ ଆକ୍ରମଣରେ ୨ ଗୁରୁତର

ନୀଳଗିରି, ୧୦/୧୦ (ନି.ପ୍ର): ଗୁରୁବାର ସକାଳ ସମୟରେ ଜଙ୍ଗଲକୁ ୪ଜଣ ଗ୍ରାମବାସୀ ଛତୁ ତୋଳିବାକୁ ଯାଇଥିବା ବେଳେ ଏକ ଭାଲୁର ଆକ୍ରମଣର ଶିକାର ହୋଇ ୨ଜଣ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଛତ୍ରପୁର ପଞ୍ଚାୟତ ମାଙ୍କିଡ଼ିଆ ସାହିର ମାନ୍ଦୁ ଖେରୱାଡ଼ (୬୦), କାଳିଆ ଖେରୱାଡ଼ (୪୩), ରବି ଖେରୱାଡ଼(୪୦) ଓ ଆଇବି ଖେରୱାଡ଼(୪୩ ) ଚାରିଜଣ ମିଶି ନିକଟସ୍ଥ କୁଲଡିହା ଜଙ୍ଗଲ ପାଦଦେଶ ଜଡ଼ା ହୁଡ଼ିକୁ ସକାଳ ପ୍ରାୟ ୮ ଘଟିକା ସମୟରେ ଛତୁ ତୋଳିବାକୁ ଯାଇଥିଲେ। ଛତୁ ତୋଳିବା ସମୟରେ ଲତା ବୁଦା ଭିତରେ ଲୁଚି ରହିଥିବା ଏକ ଭାଲୁ ହଠାତ୍ ସେମାନଙ୍କୁ ଆକ୍ରମଣ କରିଥିଲା । ଏଥିରେ ମାନ୍ଦୁ ଏବଂ କାଳିଆ ର ଜଙ୍ଘ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି ।ଅଳ୍ପକେ ବର୍ତ୍ତି ଯାଇଛନ୍ତି ରବି ଓ ଆଇବି । ଚିତ୍କାର ଶୁଣି ନିକଟସ୍ଥ ବସ୍ତି ବାସିନ୍ଦା ଘଟଣା ସ୍ଥଳରେ ପହଞ୍ଚି ପାଟିତୁଣ୍ଡ କରିବାରୁ ଉକ୍ତ ଭାଲୁ ସ୍ଥାନ ଛାଡ଼ି ପଳାଇ ଯାଇଥିଲା । ସ୍ଥାନୀୟ ଯୁବକ ନିଶିକାନ୍ତ ମହାପାତ୍ରଙ୍କ ସହଯୋଗରେ ୧୦୮ଆମ୍ବୁଲାନ୍ସ ଯୋଗେ ଆହତ ମାନଙ୍କୁ ପ୍ରଥମେ ଉଦଳା ମେଡ଼ିକାଲକୁ ପଠାଯାଇଥିଲା । ଆଶୁ ଚିକିତ୍ସା କରିବା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଦୁଇ ଆହତଙ୍କୁ ନୀଳଗିରି ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି।

# ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠ ବୋଝେଇ ପିକଅପ ଜବତ

ବସ୍ତା, ୧୦/୧୦ (ନି.ପ୍ର): ୬୦ ନମ୍ବର ଜାତୀୟ ରାଜପଥ ଜଳେଶ୍ୱର ଫରେଷ୍ଟ ରେଞ୍ଜ ବସ୍ତା ଥାନା ଅଧିନ ରାଜଘାଟ ନିକଟରୁ ଶାଳକାଠ ବୋଝେଇ ପିକଅପକୁ ଜବଦ । ଆଜି ସକାଳ ସମୟରେ ଜଳେଶ୍ୱର ବନ ବିଭାଗ ପକ୍ଷରୁ ,୨ ଲକ୍ଷରୁ ଅଧିକ ଟଙ୍କାର କାଠ ବୋଝେଇ କରି ମୟୁରଭଞ୍ଜ ଅଞ୍ଚଳରୁ ଏକ ପିକଅପ ଯୋଗେ ଶାଳକାଠ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ ଏବଂ ତାଙ୍କ ଟିମ ୬୦ ନମ୍ବର ଜାତୀୟ ରାଜପଥ ରାଜଘାଟ ନିକଟରେ ଚଢାଉ କରି ଉକ୍ତ କାଠ ବୋଝେଇ ପିକଅପ କୁ ଜବଦ କରିଥିଲେ। ହେଲେ କୌଶଳ କ୍ରମେ ପିକଅପ ଡ୍ରାଇଭର ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା ।ଜବଦ କାଠର ଆନୁମାନିକ ମୁଲ୍ୟ ୨ ଲକ୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଗାଡି କାଠ କୁ ବନ ବିଭାଗ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ।

# ଇକଡ଼ପାଳ ସାର୍ବଜନୀନ ଦୁର୍ଗାପୂଜା



ବାଲିଆପାଳ , ୧୦/୧୦ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଇକଡ଼ପାଳ ଗ୍ରାମର ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱରେ ୬୨ ବର୍ଷ ଧରି ସାର୍ବଜନୀନ ଦୁର୍ଗାପୂଜା ହୋଇ ଆସୁଛି । ପୂଜାରେ ଯଜ୍ଞାନୁଷ୍ଠାନ ଏକ ବିଶେଷ ମହତ୍ତ୍ୱ ରଖିଥାଏ । ସପ୍ତମୀ ଠାରୁ ଦଶହରା ଯାଏ ଅହୋରାତ୍ର ଯଜ୍ଞ ଅନୁଷ୍ଠିତ ହୋଇଥାଏ । ସ୍ଥାୟୀ ଯଜ୍ଞମଣ୍ଡପରେ ପ୍ରତିଦିନ ୧୧କେଜି ଘିଅ ଆହୂତି କରାଯାଇଥାଏ । ଏହି ଯଜ୍ଞ ଅନୁଷ୍ଠାନରେ ବହୁବ୍ରତ ଧାରୀ ଓ ଭକ୍ତ ସାମିଲ ହୋଇ ପୂଜାର୍ଚ୍ଚନା କରିଥାନ୍ତି । ଏଇ ପୂଜା ଏକ ଭିନ୍ନ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ସହିତ ପୂଜାକୁ ଉତ୍ସବ ମୁଖର କରିଥାଏ । ଭକ୍ତ ମାନେ ୧୯୯୦ମସିହାରୁ ଏହି ଶାରଦୀୟ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ଲାଗି ରାବଣ ପୋଡ଼ି ଉତ୍ସବ ପାଳନ କରି ଆସୁଛନ୍ତି । ସେହି ଭଳି ଅନ୍ୟବର୍ଷ ଭଳି ଏବର୍ଷ ମଧ ଯାତ୍ରା ପାର୍ଟି ମେଲୋଡି, କବାଡି ଟୁର୍ଣ୍ଣାମେଣ୍ଟ ଆଦି କାଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପୂଜାମଣ୍ଡପରେ ମା ଦୁର୍ଗାଙ୍କ ମେଢ଼ ସହିତ ପାର୍ଶ୍ୱ ମୂର୍ତ୍ତିଗୁଡିକ ବହୁତ ଶୋଭା ବର୍ଦ୍ଧନ କରୁଛି । ଏବର୍ଷ ମଧ ମାଙ୍କ ଶୋଭା ବର୍ଦ୍ଧନ ଅଧିକ କରୁଛି । ମାଙ୍କ ଧରାବତରଣ ଯୋଗୁ ପୂଜାମଣ୍ଡପ ମନ୍ତ୍ର ଧ୍ୱନୀରେ ପ୍ରକମ୍ପିତ ହେଉଛି । ଆକର୍ଷଣୀୟ ସାଜସଜ୍ଜା ପାର୍ବଣର ଶୋଭା ବଢ଼ାଉଛି । ଲୋକେ କିମ୍ବଦନ୍ତୀ କହେ ଯେ ଅତୀତରେ ଏଠାରେ ସାହାବନ୍ଦର ଜମିଦାରଙ୍କ ଗଡ଼ ରହିଥିଲା । ଏହି ଜମିଦାରଙ୍କ ବଂଶରେ କେହିଜୀବିତ ନ ଥିବା ବେଳେ ଗଡ଼ ନଦିଗର୍ଭରେ ଲୀନ ହୋଇଯାଇଛି । ଜମିଦାରୀ ଗଡ଼ରେ ଦେବୀ ଦୁର୍ଗାଙ୍କ ପୂଜା ଖୁବ ଧୂମ ଧାମରେ ପାଳିତ ହୋଇଆସୁଥିଲା । ସେତେବେଳେ ଦୁର୍ଗା ପୂଜାରେ ଯଜ୍ଞ ଓ ଭୋଗର ବିଶେଷ ଆୟୋଜନ କରାଯାଉଥିଲା । ଅତୀତର ସେହି ସ୍ମୃତିକୁ ଆଜି ମନେ ପକାଇ ଇକଡପାଳ ଗ୍ରାମର ଅଧିବାସୀମାନେ ପାରମ୍ପରିକ ରୀତିରେ ଏହି ସାର୍ବଜନୀନ ଦୁର୍ଗାପୂଜା ପାଳନ କରି ଆସୁଛନ୍ତି । ପାର୍ବଣ ପାଁଇ କମିଟି ଗଠନ କରାଯାଇଛି । ଏଥିରେ ଗୌରମୋହନ ପାତ୍ର, ରଞ୍ଜନ କୁମାର ଦେ, ନିର୍ମଳ କୁମାର ପରିଡା, ମାନଗୋବିନ୍ଦ ପ୍ରଧାନ, ସୁଦର୍ଶନ ଜେନା, ଉତ୍ତମ ପିଳା, ଗଦାଧର ବେହେରା ପ୍ରମୁଖ ରହିଛନ୍ତି । ସେହିପରି ଅନ୍ୟ ମାନଙ୍କ ମଧରେ ମନୁରଞ୍ଜନ ପିଳା , ରଘୁନାଥ ପିଳା , ମନ୍ମଥ ମହୁରୀ, ଗଦାଧର ରାଉଳ, କାଳିଚରଣ ଦେ ପ୍ରମୁଖଙ୍କ ସହ ଯୁବଗୋଷ୍ଠୀଙ୍କୁ ନେଇ ଆଉ ଗୋଟିଏ କମିଟି ଗଠନ ହୋଇଛି । ପୂଜା ପାଁଇ ଏବେ ଇକଡ଼ପାଳ ଗ୍ରାମ ଖୁବ ଚଳ ଚଞ୍ଚଳ। ଆଜି ମହା ଆଡମ୍ବରରେ ମହା ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି।

# 'ବିଶ୍ୱାସ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରିଲିଫ ବଣ୍ଟନ




ଲଙ୍ଗଳେଶ୍ୱର, ୧୦/୧୦ (ନି.ପ୍ର): ସୁବର୍ଣ୍ଣରେଖା ବନ୍ୟାରେ କ୍ଷତିଗ୍ରସ୍ତ ବାଲିଆପାଳ ଅଞ୍ଚଳର ବିଭିନ୍ନ ଗ୍ରାମର ବିପନ୍ନ ଲୋକଙ୍କୁ ଚାଇଲଡ଼ ରାଇଟନାଉ ଇଣ୍ଟରନେସନାଲ ସହାୟତାରେ ବାଲିଆପାଳ 'ବିଶ୍ୱାସ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ରିଲିଫ ବଣ୍ଟନ କରାଯାଇଛି। 'ବିଶ୍ୱାସ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଅଜୟ କୁମାର ସାହୁଙ୍କ ପରିଚାଳନା ରେ ତାଳପଦା, କୁହ୍ଲାଚଡ ଓ ଜାମକୁଣ୍ଡା ଗ୍ରାମର ବିପନ୍ନ ଲୋକ ମାନଙ୍କୁ ତାରପୁଲିନ ସହିତ ଅନ୍ୟାନ୍ୟ ଜରୁରୀ ଜିନିଷ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁଧାଂଶୁ କୁମାର ଆଚାର୍ଯ୍ୟ, ମାନସ କୁମାର ଶତପଥୀ ପ୍ରମୁଖ ଯୋଗଦେଇ ଲୋକଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ।ବିଶ୍ୱାସର କାର୍ଯ୍ୟକ୍ରମ ସଂଯୋଜକ ଉତ୍ତମ କୁମାର ପିଳା, ଗୋପାଳ ଚନ୍ଦ୍ର ଜେନା, ପ୍ରଭାକର ପରିଡା, କାହ୍ନୁ ଚରଣ ଜେନା, ସତ୍ୟରଞ୍ଜନ ମଣ୍ଡଳ, ଦିଲୀପ କୁମାର ପିଳା, ନୀଳକଣ୍ଠ ଜେନା, ନାରାୟଣ ବେହେରା, ପ୍ରମୁଖ ଯୋଗଦେଇ ରିଲିଫ ବଣ୍ଟନରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ସମ୍ବର୍ଦ୍ଧିତ ହେଲେ ସୋମନାଥ ସିଂହ

ବାରିପଦା, ୧୦/୧୦ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନ ପରିସରରେ ରୂପାନ୍ତର ଅନୁଷ୍ଠାନର ରୌପ୍ୟ ଜୟନ୍ତୀ ଅବସରରେ ଆୟୋଜିତ ରାଜ୍ୟ ସ୍ତରୀୟ ନାଟକ ମହୋତ୍ସବର ଶେଷ ସନ୍ଧ୍ୟାରେ ଅଭିନେତା ସୋମନାଥ ସିଂହଙ୍କୁ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ହାତରେ ରୂପାନ୍ତର ସମ୍ମାନ - ୨୦୨୪ ରେ ସମ୍ବର୍ଦ୍ଧିତ କରାଯାଇଛି । ପ୍ରକାଶ ଥାଉକି ଶ୍ରୀ ସିଂହଙ୍କ ପେଷା ଶିକ୍ଷକତା ଥିଲେ ମଧ ନିଶା ତାଙ୍କର ଥିଲା ଅଭିନୟରେ ଓ ଶିକ୍ଷକତା କରୁଥିବା ବେଳୁ ଧୀର ବସାଙ୍କ ଦ୍ୱାରା ପ୍ରେରିତ ହୋଇ ନାଟକ ପ୍ରତି ଆକୃଷ୍ଟ ହୋଇ ନିଜ ସାହି, ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ମଞ୍ଚରେ ଆଉରଙ୍ଗଜେବ, ପାର୍ଥ, ନାରଦ ୱାଚ, ମୁକ୍ତାଲାଭ, ସମ୍ବାଲୁଆ, ମଧାନ୍ନର ରଙ୍ଗ ଆଦି ଅନେକ ନାଟକରେ ନିଖୁଣ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି ଓ ତତସହିତ ମାଗୁଣିର ଶଗଡ଼, ବିଶ୍ୱାସ ଚଳଚିତ୍ର ତଥା ଆଉରଙ୍ଗଜେବ, ପାର୍ଥ ଓ ହରିଭାଇ ହାବିଲଦାରରେ ଅଭିନୟ ସହ ଦିଲ୍ଲୀ ଦୂରଦର୍ଶନରେ ପରିବେଷିତ ଟେଲିଫିଲ୍ମରେ ମୁଖ୍ୟ ସହ ନିର୍ଦ୍ଦେଶକର ଭୂମିକା ଉଲ୍ଲେଖନୀୟ ଓ ରାଜ୍ୟ ସ୍ତରୀୟ ଶିଶୁ ନାଟକ ପ୍ରତିଯୋଗିତା ରେ ବହୁବାର ତାଙ୍କ ପ୍ରେରଣାରେ ଛାତ୍ରଛାତ୍ରୀ ମାନେ ଅଭିନୟ କରିବା ସହ ପୁରସ୍କୃତ ହୋଇଛନ୍ତି । ତାଙ୍କର ସଫଳତା ପାଇଁ ସେ ଗୁରୁ ଧୀର ବସା, ଅସିତ ପତି, ଚିନ୍ମୟ ଦାସ ପଟ୍ଟନାୟକ, ପରେଶ ସାହୁ, ଲାଲଟୁ ଦା, ଶାନ୍ତନୁ ସିଂହ ଓ ତ୍ରିଲୋଚନ ସାହୁଙ୍କୁ ଶ୍ରେୟ ଦେଇଛନ୍ତି ।




# ଭାଷା ଭିତ୍ତିକ ରାଜ୍ୟ ଗଠନରେ ଓଡ଼ିଆ ପ୍ରଥମ ଅଟେ: ଡ଼. ଶୁଭଦର୍ଶିନୀ



ଉଦଳା , ୧୦/୧୦ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ସ୍ୱାଗତ ଜଣାଇବା ଉଦେଶ୍ୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ଼.ଶୁଭଦର୍ଶିନୀ ମହାନ୍ତି ଉକ୍ତ ଉତ୍ସବରେ ଅଧକ୍ଷତା କରି ସମଗ୍ର ଭାରତବର୍ଷରେ ଭାଷା ଭିତିକ ରାଜ୍ୟ ଗଠନରେ ଓଡ଼ିଆ ଭାଷା ପ୍ରଥମ ଅଟେ ବୋଲି କହିବା ସହିତ ଏଥିପାଇଁ ଆମେ ଗର୍ବ ଅନୁଭବ କରୁ ବୋଲି ବ୍ୟକ୍ତ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ, ଓଡ଼ିଆ ଆମର ମାତୃଭାଷା ହୋଇଥିବାରୁ ଏହାର ବହୁଳ ବ୍ୟବହାର ସହିତ ବଂଚାଇରଖିବା ଆମର ପ୍ରଥମ କର୍ତବ୍ୟ ହେବା ଉଚିତ ବୋଲି କହିଥିଲେ । ପ୍ରଶାସନିକ ଅଧିକାରୀ ଡ଼. ନିରଂଜନ ପାଠୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ , ଓଡ଼ିଆଭାଷା ଓ ଲିପି ବହୁ ପୁରାତନ ଅଟେ । ଅତିତରେ କାଗଜ କଲମ ଉଦ୍ ?ଭାବନ ହେବା ପୁର୍ବରୁ ଲୋକେ ତାଳପତ୍ରରେ ଲିଖନି ସାହାଯ୍ୟରେ ଲେଖୁଥିଲେ । ତାଳପତ୍ରରେ କେବଳ ଓଡ଼ିଆ ଅକ୍ଷରରେ ହିଁ ଲେଖାଯାଇପାରେ । ତେଣୁ ଭାରତବର୍ଷ ମଧରେ କେବଳ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ତାଳପତ୍ର ପୋଥି ଦେଖିବାକୁ ମିଳେ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧରେ ପ୍ରାଧାପକ ରମେଶ ଚନ୍ଦ୍ର ନାୟକ, ଅଧାପକ ପ୍ରସନ୍ନ କୁମାର ପଣ୍ଡା ଓ ସନ୍ତୋଷ କୁମାର ଜେନା , ଓଡ଼ିଆ ଭାଷାକୁ ବଂଚାଇ ରଖିବା ଓ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ଦେବା ପାଇଁ ଫକିରମୋହନ ସେନାପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ, ଉତ୍କଳମଣି ଗୋପବନ୍ଧୁ ଓ ଉତ୍କଳଗୌରବ ମଧୁସୁଦନଙ୍କ ଅବଦାନ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ପୁର୍ବକ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅଧାପିକା ସୌମ୍ୟା ବାରିକ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo